Bhubaneswar- 19 may 2026
ଭୁବନେଶ୍ୱର- ୧୯ ମେ’ ୨୦୨୬
Vol- 1 Issue - 23
ଭାଗ- ୧ ସଂଖ୍ୟା- ୨୩
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

ଆଭାସୀ ମାଧ୍ୟମରେ ଚାଲିବ ହାଇକୋର୍ଟ କାର୍ଯ୍ୟ

କଟକ : ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଏବଂ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀକୁ ଅନୁସରଣ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନ୍ୟାୟାଳୟର କାର୍ଯ୍ୟପ୍ରଣାଳୀ ଓ କର୍ମଚାରୀଙ୍କ ରୋଷ୍ଟର ବ୍ୟବସ୍ଥା ସମ୍ବନ୍ଧରେ ନୂତନ ବ୍ୟବସ୍ଥା ଜାରି କରାଯାଇଛି । ଉକ୍ତ ନ୍ୟାୟାଳୟର ନୋଟିସ ଅନୁଯାୟୀ, ଆସନ୍ତା ୧୯ ଓ ୨୧ ମଇ୨୦୨୬ ତାରିଖରେ ସମସ୍ତ ବେଞ୍ଚ ଆଭାସୀ ମାଧ୍ୟମରେ କାର୍ଯ୍ୟ କରିବେ । ଏଥିସହ ଗ୍ରୀଷ୍ମ ଅବକାଶ ସମୟରେ କାର୍ଯ୍ୟରତ ସମସ୍ତ ଛୁଟିକାଳୀନ ବେଞ୍ଚ ଆଭାସୀ ମାଧ୍ୟମରେ କାର୍ଯ୍ୟ କରିବେ । ନ୍ୟାୟାଳୟ ଓ ରେଜିଷ୍ଟ୍ରି ର କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ଚାଲୁ ରଖିବା ପାଇଁ ସମସ୍ତ ସୁପରିଣ୍ଟେଣ୍ଡେଣ୍ଟ ମାନଙ୍କୁ ତାଙ୍କ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ନିମନ୍ତେ ରୋଷ୍ଟର ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି । ଏହି ବ୍ୟବସ୍ଥାରେ ସର୍ବନିମ୍ନ ୫୦ ପ୍ରତିଶତ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ନ୍ୟାୟାଳୟରେ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ କର୍ମଚାରୀମାନେ କାର୍ଯ୍ୟ ତାଲିକା ଅନୁଯାୟୀ ନ୍ୟାୟାଳୟରେ ଉପସ୍ଥିତ ରହିବେ ନାହିଁ, ସେମାନେ କାର୍ଯ୍ୟାଳୟ ସମୟ ମଧ୍ୟରେ ଟେଲିଫୋନ, ମୋବାଇଲ ଓ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ସର୍ବଦା ଉପଲବ୍ଧ ରହିବେ । ଆବଶ୍ୟକ ପଡ଼ିଲେ ସେମାନଙ୍କୁ ତୁରନ୍ତ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦିଆଯାଇଛି । କୌଣସି ବିଭାଗରେ କାର୍ଯ୍ୟଶୈଳୀ ପ୍ରଭାବିତ ହେଉଥିଲେ ସମ୍ପୃକ୍ତ ସୁପେରିଟେଣ୍ଡେଣ୍ଟ ସଂଶୋଧିତ କାର୍ଯ୍ୟ ତାଲିକା ରେଜିଷ୍ଟ୍ରାର ଙ୍କ ନିକଟରେ ଦାଖଲ କରିପାରିବେ । ସମସ୍ତ ସମ୍ପୃକ୍ତ ଅଧିକାରୀ ମାନେ ବିଳମ୍ବ ନ କରି ସମୟସୀମା ମଧ୍ୟରେ ସମ୍ପୃକ୍ତ ବିଭାଗ/ଶାଖା କୁ ନ୍ୟସ୍ତ କରାଯାଇଥିବା ସରକାରୀ କାର୍ଯ୍ୟ ଶେଷ କରିବା ନିଶ୍ଚିତ କରିବେ । ଏହା ସହିତ, ସମ୍ଭବ ଥିଲେ ସମସ୍ତ ବୈଠକ ଆଭାସୀ ମାଧ୍ୟମରେ ଆୟୋଜନ କରିବାକୁ କୁହାଯାଇଛି । କେବଳ ଜରୁରୀକାଳୀନ ପରିସ୍ଥିତିରେ ପ୍ରତ୍ୟକ୍ଷ ବୈଠକ ଆୟୋଜିତ ହେବ ।

ଦଳୀୟ କର୍ମୀଙ୍କୁ ନୀତିନ ନବୀନଙ୍କ ଗୁରୁମନ୍ତ୍ର

ଯେତେ ପାରୁଛ କାମ କର, ଅଳ୍ପରେ ସନ୍ତୁଷ୍ଟ ହୁଅନି

- ତୃଣମୂଳ ସ୍ତରରେ ସଙ୍ଗଠନ ମଜଭୁତ ପାଇଁ ଆହ୍ୱାନ
- ବିକଶିତ ଓଡ଼ିଶା ଗଠନରେ ରୋଡ୍ ମ୍ୟାପ ନେଇ ଦେଲେ ୫ ପରାମର୍ଶ

ଭୁବନେଶ୍ୱର : ବିଜେପି କୋର କମିଟି ବୈଠକରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ବାର୍ତ୍ତା । ସରକାର ଏବଂ ସଙ୍ଗଠନ ପାଇଁ ସ୍ୱତନ୍ତ୍ର ପରାମର୍ଶ ଦେଲେ ନୀତିନ । ୨୦୩୬ ବିକଶିତ ଓଡ଼ିଶା ଗଠନରେ ରୋଡ୍ ମ୍ୟାପ ନେଇ ସେ ୫ଟି ପରାମର୍ଶ ଦେଇଛନ୍ତି । ସଙ୍ଗଠନ କିପରି ଶକ୍ତିଶାଳୀ ହେବ, ସେ ନେଇ ଟାସ୍କ ଦେଇଛନ୍ତି । ସେ ସଙ୍ଗଠନକୁ ଗୁରୁତ୍ୱ ଦେଇ କହିଛନ୍ତି ଯେ, ସଙ୍ଗଠନ ସୁସ୍ଥ ରହିଲେ ସରକାର ଆଗକୁ ବଢ଼ିବ । ସଂଗଠନ ପାଇଁ ଯେତେ ପାରୁଛ କର ଅଳ୍ପରେ ସନ୍ତୁଷ୍ଟ ହୁଅ ନାହିଁ । ସରକାର୍ କିପରି ଆହୁରି ନିଖୁଣତାର ସହ ଲୋକଙ୍କ ପାଖେ ପହଞ୍ଚିବ, ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ ତାକୁ ମନ୍ତ୍ର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବସିଥିବା କୋର କମିଟି ବୈଠକ ଶେଷ ହୋଇଛି । ଏହି ବୈଠକରେ ସଙ୍ଗଠନ ଆଉ ସମନ୍ୱୟ ଉପରେ ନୀତିନ ନବୀନ ଗୁରୁ ମନ୍ତ୍ର ଦେଇଛନ୍ତି । ତୃଣମୂଳ ସ୍ତରରେ ଦଳ କିଭଳି ମଜବୁତ ହେବ ସେନେଇ ଫିଡବ୍ୟାକ୍ ନେଇଛନ୍ତି । ସରକାର ଆଉ ସଙ୍ଗଠନ କିଭଳି ସାମନ୍ତରଳ ଭାବେ ଆଗକୁ ବଢ଼ିବ ତାଉପରେ ଗୁରୁତ୍ୱାରୋପ କରିଛନ୍ତି । ଏନେଇ ବିଜେପି ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ରାଜ୍ୟରେ ବିଜେପି ସରକାର କିଭଳି ଭଲରେ ଲୋକଙ୍କ ପାଇଁ କାମ କରିବ । ସମୃଦ୍ଧ ଓଡ଼ିଶା ଗଠନରେ ପ୍ରାଧାନ୍ୟ ଦେବା ଲାଗି ନୀତିନ ନବୀନ ଗୁରୁମନ୍ତ୍ର ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜିଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ବିକାଶର ନୂତନ ଦିଗକୁ ନେଇଛି ବୋଲି ବୈଠକ ସରିବା ପରେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ନୀତିନ ପୋଷ୍ଟ କରିଛନ୍ତି । ସୂଚନାନୁଯାୟୀ, କୋର କମିଟି ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ଯୋଗ ଦେଇଛନ୍ତି । ପୂର୍ବତନ ରାଜ୍ୟ ବିଜେପି ସଭାପତି ତଥା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବସନ୍ତ ପଣ୍ଡା, ସାଂସଦ ପ୍ରତାପ ଷଡ଼ଙ୍ଗୀ, ସମ୍ବିତ ପାତ୍ର, ରାଜ୍ୟ ସଙ୍ଗଠନ ମନ୍ତ୍ରୀ ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ପରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି ଯେ, ସୁଭଦ୍ରା, ଆୟୁଷ୍ମାନ, କୋ-ଅପରେଟିଭ ସେବା ଭଳି ଅନ୍ୟ ସେବା ଘରେ ଘରେ ପହଞ୍ଚାଇବାକୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ସେ କହିଛନ୍ତି ଯେ, ସରକାରୀ ଯୋଜନା ଘରେ ଘରେ ପହଞ୍ଚିଲେ ସରକାର ସଫଳ ହେବେ । ଦଲାଲ ଓ ମଧ୍ୟସ୍ଥି ବ୍ୟବସ୍ଥାକୁ ସଂପୂର୍ଣ୍ଣ ବନ୍ଦ କର । ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧା ଟଙ୍କା ଯିବା ସୁନିଶ୍ଚିତ କର । ମୋଦୀ ସରକାର ଓ ରାଜ୍ୟ ସରକାରଙ୍କ ଯୋଜନା ହିଁ ଦଳର ସବୁଠାରୁ ବଡ଼ ପ୍ରଚାର । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ବୁଥସ୍ତର ପର୍ଯ୍ୟନ୍ତ ପହଞ୍ଚାଇବାକୁ ସେ ଟାସ୍କ ଦେଇଛନ୍ତି । ଏନେଇ ମନମୋହନ ସାମଲ କହିଛନ୍ତି ଯେ, ରାଷ୍ଟ୍ରୀୟ ସଭାପତିଙ୍କ ଏହି ସାର୍ଥକ ଉପସ୍ଥିତି ଓଡ଼ିଶା ଭାଜପା ପରିବାର ପାଇଁ ଏକ ଅନୁପ୍ରେରଣାର ଉତ୍ସ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ରାଷ୍ଟ୍ରୀୟ ସଭାପତିଙ୍କ ମାର୍ଗଦର୍ଶନରେ ଆମ ଦଳ ଓଡ଼ିଶାର ସର୍ବାଙ୍ଗୀନ ବିକାଶ ଓ ଜନସେବାରେ ଦୃଢ଼ ସଂକଳ୍ପ ସହ ଅଗ୍ରସର ହେଉଛି ।ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ବୋର୍ଡ ନିଗମ ନିଯୁକ୍ତି ଶେଷ ସୋପାନରେ ଅଛି । ଏମାସ ଶେଷ ସୁଦ୍ଧା ଘୋଷଣା ହୋଇପାରେ । ୨୦୩୬ ବେଳକୁ ବିଭିନ୍ନ ବିଭାଗର ଯେଉଁ ଲକ୍ଷ କେମିତି ହାସଲ ହେବ ସେନେଇ ଆଲୋଚନା ହୋଇଛି । ସରକାରୀ ନିଯୁକ୍ତି ପ୍ରସଙ୍ଗ ଶେଷ ସୋପାନରେ ଅଛି । ଚଳିତ ମାସ ଶେଷ ସୁଦ୍ଧା ସେସବୁ ଘୋଷଣା ହେବାର ସମ୍ଭାବନା ରହିଛି । ପଞ୍ଚାୟତ ନିର୍ବାଚନ ଆହୁରି ବିଳମ୍ବ ଅଛି, କିନ୍ତୁ ଏହା ପୂର୍ବରୁ ଧାଡ଼ିର ଶେଷ ଲୋକଙ୍କ ପାଖେ କିଭଳି ଯୋଜନା ପହଞ୍ଚିବ ସେନେଇ ରୂପରେଖ ପ୍ରସ୍ତୁତ କରାଯିବ ।

୨୦ରେ ଯୁକ୍ତ ଦୁଇ ରେଜଲ୍ଟ : ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର: ଆସନ୍ତା ୨୦ ତାରିଖରେ ପ୍ରକାଶ ପାଇବ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ରେଜଲ୍ଟ । ଏ ନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ମନ୍ତ୍ରୀ କହିଛନ୍ତି ଯେ, ଏକାସଙ୍ଗେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ରେଜଲ୍ଟ ବାହାରିବ । ବିଗତ ବର୍ଷଗୁଡ଼ିକରେ ସାଧାରଣତଃ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରଥମେ ଏବଂ ପରେ କଳା ବିଭାଗର ରେଜଲ୍ଟ ପ୍ରକାଶ ପାଉଥିଲା । ମାତ୍ର ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କ ସୁବିଧା ଏବଂ ପରବର୍ତ୍ତୀ ନାମଲେଖା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ୨୦ ତାରିଖରେ ସମସ୍ତ ଚାରୋଟିଯାକ ଷ୍ଟ୍ରିମର ପରୀକ୍ଷା ଫଳ ଏକ ସମୟରେ ଉପଲବ୍ଧ ହେବ ।ସୂଚନାଯୋଗ୍ୟ, ଚଳିତ ଥର ଫେବୃଆରୀ ୧୮ରୁ ମାର୍ଚ୍ଚ ୨୮ ତାରିଖ ଯାଏଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ୪ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ପରୀକ୍ଷା ଶେଷ ହେବା ଦିନଠାରୁ ହିଁ ସମସ୍ତ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକମାନେ ରେଜଲ୍ଟକୁ ଚାତକ ଭଳି ଅପେକ୍ଷା କରି ରହିଥିଲେ । ମନ୍ତ୍ରୀଙ୍କ ଏହି ଘୋଷଣା ପରେ ଏବେ ସେମାନଙ୍କର ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି । ଛାତ୍ରଛାତ୍ରୀମାନେ ୱେବସାଇଟ୍ ଓରଶା ରେଜଲ୍ଟ ଡ଼ଟଏନଆଇସି ଡ଼ଟଇନ , ସିଏଚଏସଇ ଓଡ଼ିଶା ଡ଼ଟ ଏନଆଇସି ଡ଼ଟ ଇନ ମାଧ୍ୟମରେ ନିଜର ରୋଲ୍ ନମ୍ବର ଏବଂ ରେଜିଷ୍ଟ୍ରେସନ ନମ୍ବର ଦେଇ ପରୀକ୍ଷାଫଳ ଦେଖିପାରିବେ । ସେହିପରି ଛାତ୍ରଛାତ୍ରୀମାନେ ନିଜର ଡିଜିଲକର ଆକାଉଣ୍ଟରୁ ମଧ୍ୟ ମାର୍କସିଟ୍ ଡାଉନଲୋଡ୍ କରିପାରିବେ । ପରୀକ୍ଷା ଫଳ ପ୍ରକାଶକୁ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

ଗାଁକୁ ଯିବ ତହସିଲ ଅଫିସ, ଲୋକଙ୍କ ସମସ୍ୟା ବୁଝିବେ ଅଧିକାରୀ

- ରାଜସ୍ୱ ବିଭାଗ ପକ୍ଷରୁ ଆରମ୍ଭ ହେବ ‘ମୋ ଗାଁ ମୋ ତହସିଲ’
- ତୃଣମୂଳସ୍ତରରେ ପହଂଚିବ ରାଜସ୍ୱ ସେବା
- ତହସିଲ୍ ପକ୍ଷରୁ ପଂଚାୟତ ସ୍ତରରେ ହେବ କ୍ୟାମ୍ପ୍ କୋର୍ଟ
- ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନୋଡାଲ୍ ଅଫିସର୍ ଭାବେ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର : ଗାଁକୁ ଯିବ ତହସିଲ ଅଫିସ । ରାଜସ୍ୱ ବିଭାଗ ପକ୍ଷରୁ ଆରମ୍ଭ ହେବ ‘ଆମ ଗାଁ ଆମ ତହସିଲ’ କାର୍ଯ୍ୟକ୍ରମ । ରାଜସ୍ୱ ବିଭାଗ ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଗାଁରେ ପହଞ୍ଚିବେ ଅଧିକାରୀ । ୨ ବର୍ଷ ପୂର୍ତ୍ତି ଅବସରରେ ରାଜସ୍ୱ ବିଭାଗ ଆଣିବ ନୂଆ ଯୋଜନା ଆମ ଗାଁ ଆମ ତହସିଲ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଏଥିପାଇଁ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରାଯିବ । ଯେଉଁ ମାନେ ଜିଲ୍ଲା ବୁଲି ରାତିରେ ରହି ଲୋକଙ୍କ ପାଖରୁ ମତାମତ ନେବେ ବୋଲି ସେ କହିଛନ୍ତି । ବିଗତ ଦୁଇ ବର୍ଷରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭିନ୍ନ ସଫଳତା ଏବଂ ଉପଲବ୍ଧି ସମ୍ପର୍କରେ ଆଲୋଚନା କରି ପ୍ରତିଟି ଲୋକ ପାଖେ ରାଜସ୍ୱ ସେବା ପହଞ୍ଚାଇବା ସୁନିଶ୍ଚିତ କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନଠାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ତ୍ରୀ କହିଛନ୍ତି ଯେ, ଯାହା ଆମେ ଉପଲବ୍ଧି କରୁଛେ, ତାହା ଆମ ସଫଳତା ନୁହେଁ ; ବରଂ ଯେଉଁ ଯୋଜନା ଅଥବା ପଦକ୍ଷେପକୁ ସାଧାରଣ ଲୋକେ ସଫଳ ବୋଲି ବିବେଚନା କରୁଛନ୍ତି ତାହା ହିଁ ଆମ ଉପଲବ୍ଧି ଆଗାମୀ ଦିନର ବିଭିନ୍ନ ନୂତନ ପଦକ୍ଷେପ ଏବଂ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି । ରାଜ୍ୟସ୍ତରୀୟ ବରିଷ୍ଠ ଅଧିକାରୀମାନଙ୍କୁ ବିଭିନ୍ନ ଜିଲ୍ଲାମାନଙ୍କର ନୋଡାଲ୍ ଅଫିସର୍ ଭାବେ ଦାୟିତ୍ୱ ଦିଆଯିବା ସହ ଆଗାମୀ ଦିନରେ ସେମାନେ ଉକ୍ତ ଜିଲ୍ଲାମାନଙ୍କର ପରିଦର୍ଶନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିଦର୍ଶନ ସମୟରେ ବରିଷ୍ଠ ଅଧିକାରୀ ଜିଲ୍ଲାମାନଙ୍କରେ ରାତ୍ରରହଣି ସହ ସରକାରଙ୍କ ରାଜସ୍ୱ ସେବା ସମ୍ପର୍କରେ ସାଧାରଣ ଲୋକଙ୍କ ମତାମତ ସଂଗ୍ରହ କରିବେ । ଲୋକମାନଙ୍କୁ ବିଭାଗର ପ୍ରମୁଖ ଉପାଦେୟ ସେବା ସମ୍ପର୍କରେ ସଚେତନ କରାଇବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରୀ

ଅଘୋଷିତ ବିଦ୍ୟୁତ କାଟ : ଉପଭୋକ୍ତା ହନ୍ତସନ୍ତ

କଳାହାଣ୍ଡି : କିଛିଦିନ ହେବ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜାରିରହିଛି । ଏହି ସମୟରେ ଅଘୋଷିତ ବିଦ୍ୟୁତ କାଟ ଲୋକଙ୍କୁ ନୟାନ୍ତ କରି ପକାଉଛି । ଗରମ ଓ ଗୁଳୁଗୁଳି ରେ ଲୋକେ ସିଝି ଯାଇ ଡହଳ ବିକଳ ହେଉଛନ୍ତି । ଏହାକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି । ଅନ୍ୟ ପଟରେ କାଳବୈଶାଖୀ ପ୍ରଭାବରେ ଗଛଡାଳ ପଡି ମଧ୍ୟ ବାରମ୍ବାର ବିଦ୍ୟୁତ ସରବରାହ ବିଛିନ୍ନ ହେଉଛି ।ଏହି ଭଳି ଦୁର୍ଦ୍ଦଶା ରେ ଘାଣ୍ଟି ହେଉଛନ୍ତି କଳାହାଣ୍ଡି ଜିଲ୍ଲା ର ପଛୁଆ ବ୍ଲକ ଭାବେ ପରିଚିତ ଗୋଲାମୁଣ୍ଡା ଅଞ୍ଚଳ ବାସୀ । ତା, ଠାରୁ ଦ୍ୱି ଗୁଣିତ ହେଉଛନ୍ତି ଉପାନ୍ତ ପଞ୍ଚାୟତ ବାସୀଙ୍କ ଖରା ଖିଆ ଜୀବନ । ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କୁ ପଚାରିଲେ କୁହନ୍ତି , ବାରମ୍ବାର କାଳବୈଶାଖୀ ପ୍ରଭାବରେ ଗଛସବୁ ଭାଙ୍ଗି ବିଦ୍ୟୁତ ତାର ବାରମ୍ବାର ଛିଣ୍ଡି ଯାଉଛି ।ମରାମତି କରିବାକୁ ସମୟ ଲାଗୁଛି ।ଉପାନ୍ତ ପଞ୍ଚାୟତର ଗାଁ ଗୁଡିକ ଜଙ୍ଗଲ ଘେରା ଓ ଦୁର୍ଗମରେ ରହିଛି, ତେଣୁ ବାରମ୍ବାର ବିଦ୍ୟୁତ ସରବରାହ ବିଛିନ୍ନ ହେଉଛି ।ଏକାଧିକ ସ୍ଥାନରେ ତାର ଛିଣ୍ଡୁ ଥିବାରୁ ମରାମତି ରେ ସମୟ ଲାଗୁଛି । ତେଣୁ ଅଘୋଷିତ ବିଦ୍ୟୁତ କାଟ ହେଉଛି ।ଅଭିଯୋଗ ଅନୁଯାୟୀ କଳାହାଣ୍ଡି ଜିଲ୍ଲାର ଉପାନ୍ତ ଅଞ୍ଚଳ ତଥା ଭଣ୍ଡାର କଚାର, ବଡ ଚେର ଗାଁ, ପଟୁଆ ଚୁରା ତଥା ଖୁଦ ସଦର ର ଆଖ ପାଖ ଅଂଚଳରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ଯାହା ଫଳରେ ଲୋକେ ସକାଳ ୧୦ ଘଂଟିକା ପରେ ଆଉ ପଦାକୁ ବାହାରି ପାରୁନାହାନ୍ତି । ସକାଳ ୧୦ ଘଂଟିକା ଠାରୁ ସନ୍ଧ୍ୟା ୬ ଘଂଟିକା ପର୍ଯ୍ୟନ୍ତ ଲୋକେ ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ସିଝି ଯାଇ ଡହଳ ବିକଳ ହେଉଥିବା ଦେଖିବାକୁ ମିଳୁଛି ।ଲୋକେ ଖରା ଦାଉରୁ ରକ୍ଷା ପାଇବା ସହିତ ଟିକେ ଥଣ୍ଡା ପବନର ଆନନ୍ଦ ନେବା ପାଇଁ ଲୋକେ ଗଛମୂଳେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି । ମଧ୍ୟବିତ ଏବଂ ଗରିବ ଶ୍ରେଣୀ ର ଲୋକେ ଗରମ ଓ ଗୁଳୁଗୁଳି ଦାଉରୁ ରକ୍ଷା ପାଇବା ପାଇଁ ପଙ୍ଖା,କୁଲର, ଏସି ଆଦି ବିଭିନ୍ନ ଯାନ୍ତ୍ରିକ ଉପକରଣ ସବୁ ଖଞ୍ଜିଛନ୍ତି , ହେଲେ ବିନା ବିଦ୍ୟୁତରେ ସେସବୁ କିଛି କାମକୁ ନୁହଁ ।ବିଦ୍ୟୁତ ବିଭାଗ ମାସକୁ ମାସ ଘର କୁ ଘର ବୁଲି ବିଦ୍ୟୁତ ବିଲ୍ ଆଦାୟ କରୁଛନ୍ତି, ହେଲେ ଖାଉଟି ମାନଙ୍କୁ ଠିକ ଭାବରେ ବିଦ୍ୟୁତ ଯୋଗେଇ ଦିଆ ଯାଉନଥିବା ଅଭିଯୋଗ ଆସୁଛି ।

ରଥଖଳାରେ ତିନିରଥର ୪୨ ଚକ ଶେଷ

ଭୋଇ ସେବକଙ୍କ ଦ୍ୱାରା ଯନ୍ତାଗାଡ ପୋତା ହେଲା

ପୁରୀ : ଜୁଲାଇ ୧୬ ତାରିଖ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଏଥିପାଇଁ ରଥଖଳାରେ ତିନିରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ରଥ ନିର୍ମାଣର ୨୮ ତମ ଦିବସରେ ସୋମବାର ବିଶ୍ୱକର୍ମା ମହାରଣା ସେବକ ମାନେ ତିନିରଥ ର ୪୨ ଚକ ନିର୍ମାଣ ଶେଷ କରିଛନ୍ତି । ରବିବାର ତିନିରଥ ୩୯ ଗୋଟି ଚକ ନିର୍ମାଣ ଶେଷ ହୋଇଯାଇଥିଲା ବାକି ତିନି ରଥର ଗୋଟିଏ ଗୋଟିଏ ଚକ ତୁମ୍ବରେ ଆଜି ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ସିଙ୍ଗଡା ବାଡ଼ିଆ କାର୍ଯ୍ୟ ଭୋଇ ସେବକ ମାନେ ସମ୍ପୂର୍ଣ୍ଣ କରିଛନ୍ତି । ଭୋଇ ସେବକ ମାନେ ତିନି ରଥ ମହାରଣା ସେବକ ମାନଙ୍କୁ ଯୋଗାଇ ଦେବା ପରେ ତିନିରଥର ଶେଷ ତିନି ଗୋଟି ଚକ ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ । ରଥଖଳା ଠାକୁରାଣୀ ମା ଚର୍ଚ୍ଚିକାଙ୍କ ନିକଟରେ ପଣା ଭୋଗ କରାଯାଇ ଯନ୍ତାଗାଡ ମାଟି ପକାଇ ମୁଦ କରାଯାଇଛି । ତିନିରଥ ଚାରି ନାହାକା ର ଦୁଇ ମୁଖ ସାଲ ସହ ତିନି ରଥ ଆଗ, ପଛ ମୁହାଟି ର ବିନ୍ଧ କାର୍ଯ୍ୟ ଶେଷ ହୋଇଛି । ଆଜି ତିନିରଥ ର ଚାରିଗୋଟି ଲେଖାଏଁ ଚାରି ନାହାକାର ଦୁଇ ମୁଖ ସାଲ କାର୍ଯ୍ୟ ଶେଷ ହେବା ସହ ତିନିରଥର ପାଞ୍ଚ ଦଣ୍ଡାକୁ ବାନ୍ଧି ରଖିବା ପାଇଁ ନିର୍ମାଣ ଶେଷ ହୋଇଥିବା ୨୦ ଫୁଟିଆ ମୁହାଁଟିରେ ୫ ଟି ଲେଖାଏଁ ବିନ୍ଧ କାର୍ଯ୍ୟ ପୂଜା ଅନୁକୂଳ ପୂର୍ବକ ଶେଷ ହୋଇଛି ।ଏଥିସହ ଆଜି ତିନି ରଥର ୧୨ ଲେଖାଏଁ ଭୂଇଁ ଚଉତା ର ଦୁଇ ମୁଖ ସାଲ କାର୍ଯ୍ୟ ଶେଷ ହୋଇଛି । ଚଉତା କାଠର ବିନ୍ଧ କାର୍ଯ୍ୟ ବାକି ରହିଛି । ତିନି ରଥର ଉକ୍ତ ଭୂଇଁ ଚଉତା ଗୁଡିକରେ ୪ ଟି ଲେଖାଏଁ ପାଖୁଡ଼ା ବିନ୍ଧ ଏବଂ ଖମ୍ବୀ ସଂଯୋଗ ପାଇଁ ଦୁଇଟି ଲେଖାଏଁ ଖମ୍ବ ବିନ୍ଧ ବାକି ରହିଛି । ଏଥିସହ ତିନି ରଥର ଦୁଇଟି ଲେଖାଏଁ ଡ଼ମକ ର ଚଉପଟ କାର୍ଯ୍ୟ ଶେଷ ହୋଇଛି । ଆରମ୍ଭ ହେଲା ତିନିରଥର ଜଗତପୃଷ୍ଠ ସେଣୀ ର ଚଉପଟ କାର୍ଯ୍ୟ । ଆଜି ରଥ ଅମୀନ ତିନିରଥ ଚାଳି କୁ ଜଗତପୃଷ୍ଠ ସେଣି ନିର୍ମାଣ ପାଇଁ ୨୦ ଫୁଟିଆ ୩ ଟି ଧଉରା ଏବଂ ୨ ଟି ଲେଖାଏଁ ଅସନ କାଠ ଭୋଇ ସେବକଙ୍କ ମାଧ୍ୟମରେ ଅପରାହ୍ନରେ ଯୋଗାଇ ଦେଇଛନ୍ତି । ତିନିରଥର ମହାରଣା ସେବକ ମାନେ ଜଗତପୃଷ୍ଠ ଶେଣୀ ର ଚଉପଟ କାର୍ଯ୍ୟ ଆରମ୍ଭ କରିଛନ୍ତି । ତିନି ରଥର ବେଦୀ ସିଂହାସନ ନିର୍ମାଣ ପାଇଁ ଏହି ଜଗତ ପୃଷ୍ଠ ଶେଣି ବ୍ୟବହାର ହୋଇଥାଏ ।ରୂପକାର ସେବକ ମାନେ ତିନି ରଥର ମୋଟ ୨୪ ଗୋଟି ସାଲ ଗୁଜାରୁ ୧୮ ଗୋଟି ସାଲ ଗୁଜ ରେ ରୂପ ଖୋଦେଇ ଶେଷ କରି ୨୦ ଗୋଟି ତୀଖ ଗୁଜ ରେ ନୃସିଂହ ରୂପ ଖୋଦେଇ ଆରମ୍ଭ କରିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା ସେବକ ମାନେ ତିନି ରଥର ଦଣ୍ଡା କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି । ପାହି ମହାରଣା ଦୋଳବେଦୀ ଠାରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା, ରଥ ଯାତ୍ରା ନିମନ୍ତେ ଠାକୁରଙ୍କ ପୂଜା ନୀତି ପାଇଁ କୁରୁମ ପିଢ଼ା ଏବଂ ମହାପ୍ରଭୁଙ୍କ ବିଜେ ଡୋରି , ସିରଙ୍ଗ ପଇତା ପ୍ରସ୍ତୁତ ପାଇଁ ପାଟରା ସେବକ ମାନଙ୍କ ପାଇଁ ବାଉଁଶ କାଠି ସରଞ୍ଜାମ ମାନ ନିର୍ମାଣ କାର୍ଯ୍ୟ ପାହି ମହାରଣା ମାନେ ଯୋଗଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି ।

ବାଂଲାଦେଶରେ ମିଳିମିଳାରେ ୪୫୦ ଶିଶୁଙ୍କ ମୃତ୍ୟୁ

ଢାକା: ମାର୍ଚ୍ଚ ମାସରୁ, ବାଂଲାଦେଶରେ ମିଳିମିଳା ରୋଗରେ ୪୫୦ ରୁ ଅଧିକ ପିଲାଙ୍କ ମୃତ୍ୟୁ ହୋଇଛି । ଏହାକୁ ଦୃଷ୍ଟିରେ ରଖି, ପୂର୍ବତନ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ମହମ୍ମଦ ୟୁନୁସ ଏବଂ ଅନ୍ୟ ୨୪ ଜଣଙ୍କୁ ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ମିଳିମିଳା ଟିକାର ଅଭାବର ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ଦେଶ ଛାଡିବାକୁ ନିଷେଧ କରିବାକୁ ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରାଯାଇଛି । ମିଳିମିଳା ଏମିତି ଏକ ରୋଗ ଯାହାକୁ ଦୁଇଟି ଟୀକା ଦେଇ ସମ୍ପୂର୍ଣ୍ଣ ଭାବରେ ରୋକାଯାଇପାରିବ । ଏହି ଟୀକା ନଅ ମାସ ବୟସରୁ ପ୍ରଦାନ କରାଯାଏ; ତଥାପି, ଅଭିଯୋଗ କରାଯାଇଛି ଯେ ୟୁନୁସ ଅନ୍ତରୀଣ ସରକାରଙ୍କ ମୁଖ୍ୟ ଭାବରେ କାର୍ଯ୍ୟ କରୁଥିବା ସମୟରେ ୨୦୨୪ ରୁ ୨୦୨୫ ମଧ୍ୟରେ ବାଂଲାଦେଶରେ ଟୀକାର ଘୋର ଅଭାବ ଥିଲା । ବାଂଲାଦେଶ ହାଇକୋର୍ଟରେ ଦାୟର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ଯାହା ସୋମବାର ଶୁଣାଣି ହେବ ବୋଲି ଆଶା କରାଯାଉଛି, ସୁପ୍ରିମକୋର୍ଟର ଓକିଲ ଏମ. ଆଶ୍ରଫୁଲ ଇସଲାମ ମିଳିମିଳା ଟୀକା ପ୍ରସଙ୍ଗରେ ୟୁନୁସ ଏବଂ ଅନ୍ୟମାନଙ୍କ ଭୂମିକା ତଦନ୍ତ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ କୋର୍ଟରୁ ନିର୍ଦ୍ଦେଶ ଲୋଡିଛନ୍ତି । ବାଂଲାଦେଶ ଶିଶୁ ସୁରକ୍ଷା ପଦକ୍ଷେପ ବ୍ୟାନର ତଳେ, ସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଡାକ୍ତରମାନେ ଟୀକା ଅଭାବ ପାଇଁ ସେହି ସମୟର ମଧ୍ୟବର୍ତ୍ତୀକାଳୀନ ସରକାର ଏବଂ ସ୍ୱାସ୍ଥ୍ୟ ପ୍ରଶାସନକୁ ଦାୟୀ କରିଛନ୍ତି, ଯାହା ରୋଗ ବ୍ୟାପିବାର କାରଣ ହୋଇଥିଲା । ସେମାନେ ୟୁନୁସ ଏବଂ ପୂର୍ବତନ ସ୍ୱାସ୍ଥ୍ୟ ପରାମର୍ଶଦାତା ନୁରଜାହାନ ବେଗମଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବାକୁ ଦାବି କରିଛନ୍ତି ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୯ ମେ' ୨୦୨୬

ସମ୍ପାଦକୀୟ

ପାକିସ୍ତାନର ପାଗଳାମି

ଦୁଇହଜାର ଚଉଦରୁ ଦୁଇହଜାର ସତର ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରୀୟ ରାଜଧାନୀ ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଇସଲାମାବାଦର ପୂର୍ବତନ ଶୀର୍ଷ ସ୍ତରୀୟ କୂଟନୀତିଜ୍ଞ ମିଷ୍ଟର ବାସିତ ଅବଦୁଲ୍ ଏବେ ଏବେ ଯେଉଭଳି ଗୋଟାଏ କଥା କହିଦେଇଛନ୍ତି ତାହା ପ୍ରକୃତରେ ଅତି ଖରାପ ଏବଂ ଦୁଃଖଦାୟକ । ବାସିତ୍‌ଙ୍କ ମନ୍ତବ୍ୟ କେବଳ ନିନ୍ଦନୀୟ କି ଲଜ୍ଜାକର ନୁହେଁ, ତାହା ଅତି ବିସ୍ଫୋରକ ଯାହା କି ଆଧୁନିକ ଯୁଗର ପରମାଣୁ ବୋମା ଠାରୁ ମଧ ଆହୁରି ଭୟଙ୍କର ବୋଲି ଅନୁମାନ କରାଯାଇପାରେ। ଏଇ ନିକଟରେ ଅବଦୁଲ୍ ତାଙ୍କ ମନ୍ତବ୍ୟରେ କିଛି ଏପରି କଥା କହିଦେଇଛନ୍ତି, ଯାହାକି ତାଙ୍କୁ ଅତି ଅଡୁଆରେ ପକାଇ ଦେଇଛି। ତାଙ୍କୁ ବିବାଦଘେରକୁ ଟାଣିନେଇଛି। ବାସିତ ଅବଦୁଲ୍‌ଙ୍କ ସେଭଳି ବକ୍ତବ୍ୟ ପୂରା ପାକିସ୍ତାନକୁ ବଦନାମ କରିଛି। ଏମିତି ବି ପାକିସ୍ତାନ୍ ତ ଆଗରୁ ବଦନାମ, ବାରମ୍ବାର ବଦନାମ ହୋଇଛି , ବିଭିନ୍ନ କାରଣରୁ ବିଭିନ୍ନ କ୍ଷେତ୍ରରେ ବଦନାମ ହୋଇଛି ପାକିସ୍ତାନ। ଯାହା ପଛରେ ମୂଳ କାରଣ ହେଉଛି ସନ୍ତ୍ରାସବାଦ, ଯାହା ପଛରେ ମୂଳ କାରଣ ହେଉଛି ଉଗ୍ରବାଦ। ସେମାନଙ୍କୁ ପାଳିପୋଷି ଅମଣିଷ କରିବାରେ ପାକିସ୍ତାନ୍ ମାହିର। ସେ ବିଷୟରେ ପାକିସ୍ତାନ୍‌ର ବହୁ ଅଭିଜ୍ଞତା ରହିଛି। ଯାହାକୁ ପାଥେୟ କରି ପାକିସ୍ତାନ୍ ତା'ର ଦେଶରେ ବହୁ ଆତଙ୍କବାଦୀ ତିଆରି କରିଆସୁଛି ଏବଂ ଆଗକୁ ମଧ ସେହିଭଳି ଆତଙ୍କବାଦୀ ତିଆରି କରୁଥିବ। ସତେ ଯେମିତି ପାକିସ୍ତାନ୍ ସେମିତି ଆତଙ୍କବାଦୀ ତିଆରି କରିବାରେ ମାଷ୍ଟର। ସତରେ ସେ ତ ମାଷ୍ଟର ହେଲେ ମାଷ୍ଟର ଜାଣିପାରୁନି ଯେ ସେ କେତେବେଳେ ବି, କୋଉ ସମୟରେ ବି ହୋଇପାରେ ବ୍ଲାଷ୍ଟର ତାହା ପୁଣି ଏମିତି ସେମିତି ବ୍ଲାଷ୍ଟର ନୁହେଁ, ଆମେରିକାନ୍ ବଙ୍କର ବ୍ଲାଷ୍ଟର ଯାହା ମାଟିତଳେ ଲୁଚିଥିବା ଚରିତ୍ରମାନଙ୍କୁ ମଧ ଖୋଜି ଖୋଜି ମାରିପାରେ, ମାଟିତଳେ ଲୁଚିଥିବା ବସ୍ତୁ ଅବା ପଦାର୍ଥମାନଙ୍କୁ ମଧ କରିପାରେ ନଷ୍ଟ ବିନଷ୍ଟ। ଏଇ ଯେ ଇରାନ୍ ଉପରେ ଆମେରିକା ଯେଭଳି ଭାବେ ଆକ୍ରମଣ କରି ତା'ର ପ୍ରାୟ ଚାରିଭାଗରୁ ଏକଭାଗ ଭିତ୍ତଭୂମି ଯେଭଳି ଭାବେ ନଷ୍ଟ କରି ଦେଇଛି, ଯାହା ଆମେରିକା ଦାବି କରୁଛି, ଯାହା ଅବଶ୍ୟ କେତେଦୂର ସତ କି ମିଛ, ଯାହା ଅବଶ୍ୟ ସମୟ ସାପେକ୍ଷ । ତେବେ କିଛି ତ ସତ ନିଶ୍ଚୟ। ଇରାନ୍ ର ସର୍ବୋଚ୍ଚ ରାଜନେତା ବୋଲାଉଥିବା ଆୟାତୋଲ୍ଲା ଅଲ୍ଲୀ ଖାମେନେଇଙ୍କୁ ଆମେରିକା ଯେଭଳି ଭାବେ ହତ୍ୟାକଲା, ତାହା ବି ପୁଣି ବଙ୍କର ଭିତର ଭେଦ କରି ମାଟିତଳେ ପ୍ରାୟ କୋଡ଼ିଏ ତିରିଶି ଫୁଟ ତଳକୁ ଭେଦ କରି ଇରାନ୍ ର ସର୍ବୋଚ୍ଚ ନେତାଙ୍କୁ ଯେଭଳି ଭାବେ ହତ୍ୟା କଲା, ସେଥିରେ ଇରାନ୍ ଯେତିକି ପରିମାଣରେ ଛାନିଆଁ ହୋଇନି , ତା'ଠାରୁ ଅଧିକ ଛାନିଆଁ ହୋଇଯାଇଛି ପାକିସ୍ତାନ୍ । ଏମିତି ବି ପାକିସ୍ତାନ୍ ଗୋଟାଏ ପକ୍କା ଛାନିଆଁ ଦେଶ। ହେ କି କହିଦେଲେ ଦୌଡ଼ିବ । ସେ ବି ଅନେକ ସମୟରେ ଧମକ ଦେଉଛି ପୁଣି ଭାରତକୁ। ଇଏ ହେଉଛି ଇସ୍ରାଏଲ୍ ଟାଇପ୍ ଦେଶ ଯେ କି ଆମେରିକା କଥାରେ ଡେଉଁଛି ତେବେ ପାକିସ୍ତାନ୍ କିନ୍ତୁ ଡେଉଁଛି ଚାଇନା କଥାରେ ଡେଉଁଛି ଫୁକୁରୁ ଫୁକୁରୁ ହୋଇ।ଇସ୍ରାଏଲ୍ ଯେମିତି ଡେଉଁଛି ଆମେରିକା କଥାରେ। ଏମ୍ତି ଡେଉଁଛି ଯେ କି କେତେବେଳେ ବି କିଛି ବି ଅଘଟଣ ଘଟିପାରେ। ହେଲେ ଇସ୍ରାଏଲ୍ କେବେ ବି କିଛି ବି ବୁଝିବାକୁ ଚେଷ୍ଟା କରୁନି ଅଗକୁ ପରିଣାମ ହୁଏତ ଭୟଙ୍କର ହୋଇପାରେ। ଆଗକୁ ଯଦି କେବେ ବିଶ୍ୱ ଯୁଦ୍ଧ ହୁଏ , ତେବେ ଚାରିପଟୁ ଘେରରେ ରହିଥିବା ଇସ୍ରାଏଲ୍ ଅତି ଖରାପ୍ ଭାବେ ଫସିଯିବ ସେହି ମୁସଲମାନଙ୍କ ମଧ୍ୟରେ । ଏବେ କିନ୍ତୁ ପାକିସ୍ତାନ୍‌ର ବେଳା ଖରାପ୍ ପଡ଼ିପାରେ। ପାକିସ୍ତାନ୍ ଏବେ କାଳେ ଭାରତକୁ ଧମକ ଦେଉଛି। ପାକିସ୍ତାନର ତତ୍କାଳୀନ ଶୀର୍ଷସ୍ତରୀୟ କୂଟନୀତିଜ୍ଞ ଅବଦୁଲ୍ ବାସିତ୍ ଆମେରିକା ଉପରେ ରାଗ ଶୁଝାଇବାକୁ ଯାଇ ଓଲଟା ଭାରତକୁ ଦେଇଛନ୍ତି ଧମକ। ଯାହା ତାଙ୍କର ସମ୍ପୂର୍ଣ୍ଣ ପାଗଳାମି ବୋଲି କୁହାଯାଇପାରେ। ତାଙ୍କ ମତରେ ଆମେରିକା ଯଦି ଭବିଷ୍ୟତରେ କେବେ ପାକିସ୍ତାନ୍ ଉପରେ ଆକ୍ରମଣ କରେ, ତେବେ ଆମେରିକାର ସେଭଳି ଆକ୍ରମଣରେ ପାକିସ୍ତାନ୍ ତ ତା'ର ଦେଶ ଭିତରେ ପଶି ତାକୁ ମାରିପାରିବ ନାହିଁ, ଏଣୁ ସେ କ'ଣ କରିବ ? ସେ ତ ଭାରତକୁ ମାରିବ। ସେ ତ କେବଳ ଭାରତକୁ ମାରିବା ଜାଣିଛି। ଇଏ ତା'ର ଶକ୍ତି ନୁହେଁ, ଇଏ ହେଉଛି ଚାଇନାର ଶକ୍ତି ଯାହାକୁ ପ୍ରୟୋଗ କରି ପାକିସ୍ତାନ୍ ଖାଲି ଡେଉଁଛି ଫୁକୁରୁ ଫୁକୁରୁ ହୋଇ। କିଛି ନ ପାଇଲେ ସିଧା ଆଟାକ୍ କରୁଛି ଭାରତ ଉପରେ। ସେହି ଭାରତ ଯିଏ କି ତା'ର ପଡ଼ୋଶୀ। ସେହି ଭାରତ ଯାହାଠାରୁ ସେ କେବେ ଅଲଗା ହୋଇଥିଲା। ଅଥଚ ଅତୀତର ସବୁ କିଛିକୁ ଭୁଲି ସେ ଆଜି ସାଜିଛି ପକ୍କା ବେଇମାନ୍ । ସେ ଆଜି ସାଜିଛି ପକ୍କା ସଇତାନ୍ । ସେଥିପାଇଁ ଅନେକ ସମୟରେ ଭାରତ ପ୍ରତି ବିଶ୍ୱାସଘାତକତା କରି ଚାଲିଛି ପାକିସ୍ତାନ୍ ।

ଗୋବିନ୍ଦ ଗୋବିନ୍ଦ

ରାସମଣି ଥିଲେ ପରମ ରୂପବତୀ। ଅତି ଦରିଦ୍ର ପରିବାରରେ ଜନ୍ମ ନେଇଥିବା ରାସବତୀଙ୍କର ଯେତେବେଳେ ବିବାହ ବୟସ ଉପନୀତ ହେଲା, ସେତେବେଳେ ତାଙ୍କ ପରିବାର ଲୋକେ କିନ୍ତୁ ଚିନ୍ତିତ ହୋଇପଡ଼ିଲେ। କନ୍ୟାର ବିବାହ ବୟସ ଉପନୀତ ହେବା ଜାଣି ପରିବାର ଲୋକେ ମଧ ଚିନ୍ତିତ ହୋଇପଡ଼ିଲେ। ତେବେ ସୌଭାଗ୍ୟବଶତଃ ଅତି ଦରିଦ୍ର ପରିବାରରେ ଜନ୍ମ ନେଇଥିବା ସେହି ସୁନ୍ଦରୀ ରାସମଣୀଙ୍କର ବିବାହ ଅତି ଜଣେ ଧନୀକ ପରିବାରରେ ହୋଇଥିଲା। ବେଶ୍ ଭଲ ଭାବରେ ଚଳିବାକୁ ଲାଗିଲେ ସେ। ତେବେ ତାଙ୍କର ଗୋଟାଏ ଭଲ ଅଭ୍ୟାସ କିନ୍ତୁ ସେହି ଧନୀକ ପରିବାରରେ ଧୀରେ ଧୀରେ ବଢ଼ିବାକୁ ଲାଗିଲା। ତାହା ହେଉଛି ତାଙ୍କର ଦରିଦ୍ର ସେବା ଯାହାକୁ ସେ କେବେ ବି ଭୁଲି ନଥିଲେ ଏବଂ ଶାଶୂ ଘରେ ବି ସେହି ଧାରା ସେ ଜାରି ରଖିଥିଲେ। ତେବେ ଥରେ ତାଙ୍କ ଦ୍ୱାରା ଗୋଟାଏ ବଡ଼ ଭୁଲ ହୋଇଗଲା। ପୂଜା କରିବା ସମୟରେ ରାସମଣୀଙ୍କ ହାତରୁ ଭୁଲ୍‌ବଶତଃ ଗୋବିନ୍ଦ ମୂର୍ତ୍ତିଟି ହାତରୁ ଖସିପଡ଼ି ଭାଙ୍ଗିଗଲା। ଭଙ୍ଗା ମୂର୍ତ୍ତିକୁ ଗଙ୍ଗା ଜଳରେ ବିସର୍ଜ ନ କରିଦେବା ପାଇଁ ଯେବେ ବ୍ରାହ୍ମଣମାନେ ତାଙ୍କୁ ପରାମର୍ଶ ଦେଲେ ସେଥିରେ ସେ ଅତ୍ୟନ୍ତ ମର୍ମାହତ ହୋଇଗଲେ। କାରଣ ବହୁ ଦିନରୁ ସେ ଗୋବିନ୍ଦଙ୍କୁ ଅତି ଶ୍ରଦ୍ଧାର ସହିତ ପୂଜା କରୁଥିଲେ। ଯେତେବେଳେ ମୂର୍ତ୍ତିଟା ଭାଙ୍ଗିଗଲା, ସେବେ ରାଣୀ ରାସମତୀ ଦୁଃଖରେ ଭାଙ୍ଗି ପଡ଼ିଲେ। ତେବେ ଭଙ୍ଗା ମୂର୍ତ୍ତକୁ ପୂଜା କରିବା ବିଷୟରେ ସନ୍ଦେହ ଉପୁଜିବାରୁ ରାଣୀ ରାସମତୀ ଏ ବିଷୟରେ ତାଙ୍କର ପୂଜକ ରାମକୃଷ୍ଣଙ୍କୁ ଏ ବିଷୟରେ ପଚାରିବାରୁ ସେ ତାଙ୍କୁ ଯେଉଁ ଉତ୍ତର ଦେଲେ ସେଥିରେ ସେ ସନ୍ତୁଷ୍ଟ ହୋଇ ପୁନର୍ବାର ସେ ଆରମ୍ଭ କରିଦେଇଥିଲେ ତାଙ୍କର ଅତି ପ୍ରିୟ ଗୋବିନ୍ଦଙ୍କ ପୂଜା। କାରଣ ରାମକୃଷ୍ଣ ପରମହଂସଙ୍କ ଉତ୍ତର ଥିଲା କିଛି ସେହିଭଳି । ପରିବାରର କେହି ଜଣେ ଭାଙ୍ଗିଗଲେ ଆମେ କି ତାକୁ ଫୋପାଡ଼ି ଦେଇପାରୁ କି ? କେବେ ନୁହେଁ। କାରଣ ସେ ପରା ଆମ ପରିବାରର ଲୋକ। ଆମ ପରିବାରର ସଭ୍ୟ। ଏଣୁ ଆମେ ତାଙ୍କୁ ସଜାଡ଼ିବା ଅବା ଠିକ୍ କରିବା । କାଳୀ ମା'ଙ୍କ ଅତି ପ୍ରିୟ ପୂଜକ ରାମକୃଷ୍ଣ ପରମହଂସଙ୍କ ଉତ୍ତରରେ ଅତି ସନ୍ତୁଷ୍ଟ ହୋଇ ରାଣୀ ରାସମତୀ ପୁନର୍ବାର ଆରମ୍ଭ କରିଦେଇଥିଲେ ସେହି ଗୋବିନ୍ଦ, ତାଙ୍କର ଅତି ପ୍ରିୟ ଗୋବିନ୍ଦଙ୍କ ପୂଜା। ଇଏ ସେହି ରାଣୀ ରାସମତୀ ଯାହାଙ୍କର ପ୍ରଗାଢ଼ ପ୍ରଚେଷ୍ଟାରେ ପଶ୍ଚିମବଙ୍ଗର ଦକ୍ଷିଣେଶ୍ୱରରେ କେବେ ପ୍ରତିଷ୍ଠା ହୋଇପାରିଥିଲା କାଳୀବାଡ଼ି ଯେଉଁଠାରେ ମା'ଙ୍କ ମନ୍ଦିର, ମହାକାଳୀ ମନ୍ଦିର ଅବସ୍ଥିତ ଏବଂ ସେହି ମନ୍ଦିର ଆଜି କେବଳ ପଶ୍ଚିମବଙ୍ଗରେ ନୁହେଁ , ସାରା ଭାରତରେ ପ୍ରସିଦ୍ଧି ଲାଭ କରିଛି।

ସ୍ୱାଧୀନ ଭାରତର ତାରା-ଲକ୍ଷ୍ମଣ ନାୟକ

ଅକ୍ଷୟ କୁମାର ରାଉତ

ପୂଣ୍ୟ ଭୂମି ଭାରତବର୍ଷ ବହୁ ପ୍ରାଚୀନ କାଳରୁ ନିଜର ଜ୍ଞାନ-ବିଜ୍ଞାନ, ସଂସ୍କୃତି, ସଭ୍ୟତା, ଧର୍ମ-କର୍ମ ଓ ଦର୍ଶନ ପାଇଁ ପୃଥିବୀରେ ଅର୍ଜନ କରିଛି ସୁଖ୍ୟାତି। ଏହି ଭୂମର ମୂଳରେ ରହିଛି ଯୋଗଜନ୍ମା, ମହାମାନବ, ମହାପୁରୁଷ ଓ ମନୀଷୀମାନଙ୍କର ମହତ୍ ଅବଦାନ। ସାଂପ୍ରତିକ ପୃଥିବୀରେ ସ୍ୱାଧୀନ ଭାରତର ଏକ ସ୍ୱତନ୍ତ୍ର ସ୍ଥିତି ଓ ମର୍ଯ୍ୟାଦା ରହିଛି, ମାତ୍ର ସ୍ୱାଧୀନତା ପ୍ରାପ୍ତିର ପୂର୍ବ ସମୟ ଥିଲା ଭାରତ ପାଇଁ ଦୁର୍ବିସହ ଦୁଃଖଦୁର୍ଦ୍ଦଶା ଓ ଯନ୍ତ୍ରଣାର ଦିନ। ବର୍ଷ ବର୍ଷ ପରାଧୀନତା ଓ ଦାସତ୍ୱ ଶୃଙ୍ଖଳରେ ଛଟପଟ ହେଉଥିଲା ପୁଣ୍ୟ ଭୂମିର ମଣିଷ। ଜନତାର ଦୁଃଖ କଷ୍ଟ, ଶୋଷଣ ପେଷଣ ଅତ୍ୟାଚାର ଓ ନିର୍ଯ୍ୟାତନାକୁ ନୀଳକଣ୍ଠ ପରି ପାନ କରି ଯେଉଁ ମହାପୁରୁଷମାନେ ଦେଶକୁ ଦେଲେ ସୁଖ, ଶାନ୍ତି ଓ ସ୍ୱାଧୀନତାର ଅମୃତଧାରା ସେମାନଙ୍କ ମଧ୍ୟରୁ ଲକ୍ଷ୍ମଣ ନାୟକ ହେଉଛନ୍ତି ଜଣେ।

ଅବିଭକ୍ତ କୋରାପୁଟ ଜିଲ୍ଲାର ବଣ ପାହାଡ଼ ଘେରେ ମାଲକାନଗିରି ତା ଭିତରେ ଆଦିବାସୀ ଗାଆଁ ତେନ୍ତୁଲିଗୁମ୍ମା। ଅଗନା ଅଗନି ବନସ୍ତର ସେହି ଗାଁରେ ୧୮୯୯ ମସିହା ନଭେମ୍ବର ୨୨ ତାରିଖ ମାର୍ଗଶୀର କୃଷ୍ଣ ପଂଚମୀ ବୁଧବାର ବିଛା ୮ ଦିନ କୁଆଁ ରାବ ନେଇ ପଦଲମ୍ ନାୟକଙ୍କ ଘରେ ଜନ୍ମ ନେଲେ ଲକ୍ଷ୍ମଣ ନାୟକ। ପଦ୍‌ଲମ୍‌ଙ୍କର ତିନିପୁଅ ମଧ୍ୟରେ ଲକ୍ଷ୍ମଣ ନାୟକ ମଝିଆଁ। ଜୟପୁର ଗଡ଼ଜାତ ରାଜ୍ୟର ରାଜା ପଦ୍‌ଲମ୍‌ଙ୍କୁ ଚାରୋଟି ଗାଁର ଭଲ ମନ୍ଦ ବୁଝିବାକୁ ଦାୟିତ୍ୱ ଦେଇଥିଲେ। ତାଙ୍କ ପରିବାର ଧାନ, ମାଣ୍ଡିଆ ଚାଷ କରିବା ସଂଗେ ସଂଗେ ଗୋରୁ ଗାଈ ପାଳନ ଓ ଶୀକାର କରି ଚଳୁଥିଲେ। ଲକ୍ଷ୍ମଣ ପିଲାଦିନ ବାପାଙ୍କଠାରୁ ଅକ୍ଷର ଲେଖି ଶିଖିଥିଲେ। ସେ ପାଖରେ ଥିବା କୋଲାବ ଭିତରେ ସାଂଗ ସାଥିଙ୍କ ସହିତ ମାଛ ଧରିବା ଓ ପାହାଡ଼ ଜଙ୍ଗଲରେ ଶୀକାର କରୁଥିଲା।

ଲକ୍ଷ୍ମଣ ଉଣେଇଶି ବର୍ଷ ହେଲାବେଳେ ସାନଗୁମ୍ମା ଗାଁର ଦାସୀ ଭୂମିଆଙ୍କ ଝିଅ ମଙ୍ଗୁଳିଙ୍କୁ ବିବାହ କରିଥିଲେ। ଆଦିବାସୀ ନୀତିରେ ଲକ୍ଷ୍ମଣଙ୍କ ପିତା ଝିଅ ଘରକୁ ଯୌତୁକ ଦେଇଥିଲେ। ଦେଢ଼ବର୍ଷରେ ତାଙ୍କର ଗୋଟିଏ ପୁଅ ହେଲା ତାର ନାମ ରଘୁନାଥ। ପଦଲମ ନାୟକ ବୁଢ଼ା ହୋଇଯିବାରୁ ଲକ୍ଷ୍ମଣଙ୍କୁ ଲୋକଙ୍କର ହାନିଲାଭ ବୁଝିବା ପାଇଁ ମୁଖିଆ ଦାୟିତ୍ୱ ଦିଆଗଲା। ଲକ୍ଷ୍ମଣ ଗାଁ ମୁଖିଆ ଭାବରେ ଗାଁ ଗଣ୍ଡାର ଉନ୍ନତିରେ ମନଦେଲେ। ଲକ୍ଷ୍ମଣ ଗୁଣି ଗାରେଡ଼ି, ଚେରମୂଳି ଚିକିତ୍ସା ଓ ପୂଜା କରିବାରେ ସେ ଅଂଚଳରେ ଜଣାଶୁଣା ହୋଇଗଲେ। କୃଷିର ଉନ୍ନତି, ଗ୍ରାମ ପୁନର୍ଗଠନ, ରାସ୍ତା ଘାଟ ଉନ୍ନତି ମୁସ୍ତାଦା ଲକ୍ଷ୍ମଣ ନାୟକ ହାତକୁ ଦେଲେ। ପ୍ରତିଦିନ ସଞ୍ଜରେ ଗାଁ ଚଉପାଢ଼ିରେ ନ୍ୟାୟ ନିଶାପ, ଗୀତନାଚ ହେଲେ ଆଖପାଖ ଗାଁ ଗଣ୍ଡାର ମୁଖିଆମାନେ ଆସି ଲକ୍ଷ୍ମଣଙ୍କ ସହିତ ବିଭିନ୍ନ ବିଷୟରେ ପରାମର୍ଶ ନେଲେ।

ଲକ୍ଷ୍ମଣ ସୀତା ରାମ ରାଜୁଙ୍କ ସହିତ ଥିବା ଯୁବକ ଚନ୍ଦ୍ରକୁଟିଆଙ୍କ ସହିତ ପରିଚିତ ହୋଇ ବନ୍ଧୁକ ମାରିବା ଶିକ୍ଷା ପାଇଥିଲେ। ନୀଳକଣ୍ଠ ପାତ୍ରଙ୍କ ସହିତ ଲକ୍ଷ୍ମଣ ପରିଚିତ ହୋଇ ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଆଲୋଚନା କଲେ। ଆମ ରାଜ୍ୟର ବଡ଼ଲାଟ ହବାକ ସାହେବ କୋରାପୁଟ ଆସିବା ସମୟରେ କର୍ମଚାରୀମାନେ ଲୋକମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କଲେ ଏହି ଖବର ନୀଳକଣ୍ଠ ପାତ୍ର "ସମାଜ"ରେ ବାହାର କରିଦେବାରୁ ସରକାର ଲୋକଙ୍କର କ୍ଷତି ପୂରଣ ଦେଲେ। ୧୯୬୩ ମସିହାରେ କଂଗ୍ରେସ ନେତା ରାଧାକୃଷ୍ଣ ବିଶ୍ୱାସରାୟଙ୍କ ପ୍ରେରଣାରେ ଲକ୍ଷ୍ମଣ ନାଏକ କଂଗ୍ରେସରେ ଯୋଗଦେଲେ, ଖଦଡ଼ ବସ୍ତ୍ର ପରିଧାନ କରି ରାମଧୂନ୍ ଗାନକଲେ। "କାଟି ପିନ୍ଧି ଓ କୁଟି ଖାଅ" ବାର୍ତ୍ତାକୁ ତାଙ୍କ ଦେଶୀୟ ଭାଷାରେ ପ୍ରଚାର କଲେ। ସ୍ୱରାଜ ଆନ୍ଦୋଳନ ବନନିଆଁ ପରି ମାଡିଗଲା। କୋରାପୁଟର ଆଗୁଆ ନେତା ହୋଇ ବାହାରିଲେ ରାଧାକୃଷ୍ଣ ବିଶ୍ୱାସରାୟ, ନୀଳକଣ୍ଠ ପାତ୍ର, ସଦାଶିବ ତ୍ରିପାଠୀ ଓ ଲକ୍ଷ୍ମଣ ନାୟକ।

୧୯୪୨ ଅଗଷ୍ଟ ୨୧ ତାରିଖରେ "କର ବା ମର" ଡାକରା ଆସିଲା। ଗାନ୍ଧିଜୀ ସହିତ ବଡ଼ ବଡ଼ ନେତାଙ୍କୁ ଇଂରେଜ ସରକାର ଜେଲରେ ରଖିଲେ। ଲକ୍ଷ୍ମଣଙ୍କ ଡାକରାରେ ହଜାର ହଜାର ଲୋକ ପଟୁଆର କରି ମାଥିଲି ଥାନା ଘେରାଉ କଲେ। ମାଥିଲି ଥାନା ଉପରେ ତ୍ରିରଙ୍ଗା ପତାକା ଉଡାଇବାକୁ ସତ୍ୟାଗ୍ରହୀମାନେ ମାଡ଼ି ଚାଲିଲେ। ପୋଲିସଙ୍କ ଲାଠିମାଡ଼ରେ ଲକ୍ଷ୍ମଣ ବାରମ୍ବାର ...ଯାଉଥାଏ। ଏହି ସମୟରେ ଜଣେ ପୋଲିସ ତାଙ୍କ ନିଶ ପୋଡିଦେଲେ। ଲକ୍ଷ୍ମଣ ଯନ୍ତ୍ରଣାରେ ଛଟପଟ ହେଉଥାନ୍ତି। ଲିଙ୍ଗ ଭୂମିଆ ଓ ନକୁଳ ମାଡ଼କାମୀ ତ୍ରିରଙ୍ଗା ବାନା ତାନ ଛାତ ଉପରେ ଉଡାଇବା ସମୟରେ ପୋଲିସ ଗୁଳିରେ ଶହୀଦ ହୋଇଗଲେ। ତାପରେ ସମରାୟ ନାୟକ, ଗୋପ ପୂଜାରୀ, କେଣ୍ଡେ ସୁନାଝରିଆ, ଗୁରୁ କୋଟିଆ, ବଳରାମ ଭୂମିଆ, ଉଦୟନାଥ ଓଡି, ନରସିଂହ ଡମ୍ବ, ଅର୍ଜୁନ କୋଟିଆ ପ୍ରଭୃତି ପୋଲିସ ଗୁଳି ମାଡ଼ରେ ଜୀବନ ଦେଲେ। ପୋଲିସ ମାଡ଼ରେ ଭୁଲ୍ ବଶତଃ ଜଙ୍ଗଲ ଜଗୁଆଳୀ ରାମାୟା ମରିଯିବାରୁ ପୋଲିସ ପ୍ରଚାର କରିଦେଲେ ଲକ୍ଷ୍ମଣଙ୍କ ମାଡରେ ଜଗୁଆଳୀ ମରିଗଲା। ଥାନାବାବୁ ହୁକୁମ ଦେଲେ ଲକ୍ଷ୍ମଣଙ୍କୁ ପାଚିରୀ କଡ଼ ନାଳରେ ପିଙ୍ଗିଦିଅ। ଦୁଇଜଣ .....ପୋଲିସ ଖଣ୍ଡେ ଲେଖାଏଁ ଧଳା ଅଲେଖା କାଗଜରେ ଟିପ ଚିହ୍ନ ନେଇ ସେଥିରେ ଲେଖିଦେଲା ଆମେ ଲକ୍ଷ୍ମଣ ନାୟକ କଥାରେ ପଡ଼ି ମାଥିଲି ଥାନା ପୋଡ଼ିବାକୁ ଯାଇଥିଲୁ ପୋଲିସ ଗୁଳିମାରିବାରୁ ଆମେ ପଡିଗଲୁ। ଏନେ ଲକ୍ଷ୍ମଣ ନାୟକ ଚେତା ଫେରିପାଇ ଭିଷଣ ଯନ୍ତ୍ରଣାରେ ଛୋଟେଇ ଛୋଟେଇ ଅଗଷ୍ଟ ୨୨ ତାରିଖ ରାତିରେ ଜୟପୁରରେ ପହଂଚିଲେ। ଶୂନ୍‌ଶାନ୍ ସହରଟା ଦେଖିଲେ କଂଗ୍ରେସ ଅଫିସ ଆଗରେ ତାଲା। ଲକ୍ଷ୍ମଣର ଶବ ନଥିବାରୁ ପୋଲିସ୍ ମାଥିଲି ଥାନା ପୋଡି ଘଟଣାରେ ହୁଲିଆ ଜାରି କରିଛି। ଜଣେ କଂଗ୍ରେସ କର୍ମୀ ଏହି ଖବର ଲକ୍ଷ୍ମଣଙ୍କୁ ଦେବାରୁ ସେ ନିଜ ଗାଁ ରାମଗିରି ପାହାଡକୁ ଚାଲିଗଲେ। ସେଠାରେ ଫଳମୂଳ ଖାଇ ପେଟର ଭୋକ ଓ ଦେହର ଦରଦ କମାଇଲେ ସିନା ମନରେ ତାଙ୍କର ଜଳିଲା ରାଗରୋଷର ନିଆଁ।

ଲକ୍ଷ୍ମଣ ନଥିବାରୁ ଗାଁରେ ପୋଲିସର ପ୍ରବଳ ଅତ୍ୟାଚାର। ଆଠ ଦିନ ପରେ ଜଙ୍ଗଲରୁ ଲକ୍ଷ୍ମଣ ଗାଁକୁ ଫେରିଲେ। ସମସ୍ତଙ୍କ ମନରେ ଆନନ୍ଦର ଲହରି ଖେଳିଗଲା। ସୂତାକଟା ରମଧୂନ୍, ସ୍ୱରାଜ ଲଢ଼େଇ ସବୁ କାମ ଚାଲିଲା। ତିନିଦିନ ପରେ ପୋଲିସ୍ ଗାଁ ଚାରିପଟେ ଘେରାଉକଲେ। ଲକ୍ଷ୍ମଣଙ୍କ ଭାରିଜା ମଙ୍ଗୁଳି ଗଳାରେ ଯାଉଟିକେ ଦେବା ସମୟରେ ପୋଲିସ୍ ଲକ୍ଷ୍ମଣଙ୍କୁ ହାତ କଡ଼ା ପକାଇ ଗାଁ ଦାଣ୍ଡରେ ଚଲାଇ ଚଲାଇ ନେଇଗଲେ।

ଲକ୍ଷ୍ମଣ ପରେ ତାଙ୍କର ପୁଅ ରଘୁନାଥକୁ ମଧ ମାଥିଲି ଥାନାରେ ବନ୍ଦୀ କରି ରଖାଗଲା। ମଙ୍ଗୁଳି ଦୁଇଟି ଛେଳି ବିକି ପୋଲିସ୍ ବାବୁଙ୍କୁ ପଇସା ଦେବାରୁ ରଘୁନାଥ ଥାନାରୁ ମୁକୁଳିଲେ। ଥାନାରେ ଚାଲିଲା ଚିହ୍ନଟ ପ୍ରକ୍ରିୟା। ହଟ ଦଣ୍ଡିଆ ଓ ମଦ ଦୋକାନୀ ଚିହ୍ନଟ ଦେଲେ। ୫୪ ଜଣଙ୍କୁ ରାଜଦ୍ରୋହ ଅପରାଧରେ କୋରାପୁଟ ଜେଲକୁ ପଠାଗଲା। ୧୯୪୨ ମସିହା ଅକ୍ଟୋବର ମାସରୁ ଲକ୍ଷ୍ମଣଙ୍କ ବିରୁଦ୍ଧରେ ବିଚାର ଆରମ୍ଭ ହେଲା। ସରକାରଙ୍କ ତରଫରୁ ତେତିଶି ଜଣ ସାକ୍ଷୀ ଦେଲେ। ଜଙ୍ଗଲ ଜଗୁଆଳୀ ରାମାୟାକୁ ଲକ୍ଷ୍ମଣ ଓ ବଳରାମ ଠେଙ୍ଗାରେ ପିଟି ପିଟି ମାରିଦେଲେ। ବିଚାରପତି ଜଣଜଣଙ୍କ ଠାରୁ ସାକ୍ଷୀନେଇ ୧୯୪୨ ମସିହା ନଭେମ୍ବର ୧୩ ତାରିଖ ଦିନ ରାୟ ଘୋଷଣା କଲେ। ଥାନା ପୋଡ଼ି, ସରକାରୀ ଖଜଣା ଲୁଟ୍ ଓ ସରକାରୀ କର୍ମଚାରୀଙ୍କୁ ମାରିଦେବା ଘଟଣାକୁ ନେଇ ବିଚାରପତି ନେତୃତ୍ୱ ନେଉଥିବା ଲକ୍ଷ୍ମଣ ନାୟକଙ୍କୁ ମୃତ୍ୟୁ ଫାଶୀ ଖୁଂଟରେ ଝୁଲାଇବାକୁ ରାୟଦେଲେ। ଲକ୍ଷ୍ମଣଙ୍କୁ କୋରାପୁଟ ଜେଲରୁ ତାଙ୍କୁ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଗଲା। ସେଠାରେ ଲକ୍ଷ୍ମଣ ସଦାଶିବ ତ୍ରିପାଠୀ ଓ ରାଧାକୃଷ୍ଣ ବିଶ୍ୱାସରାୟଙ୍କୁ ଦେଖି ବହୁତ ଖୁସି ହେଲେ। କଂଗ୍ରେସର ବଡ଼ ବଡ଼ ନେତା ଲକ୍ଷ୍ମଣଙ୍କ ବିଚାର ଉପରେ କୋର୍ଟରେ କରିବାକୁ ଦାବିକଲେ। ପାଟଣା ହାଇକୋର୍ଟରେ ଲକ୍ଷ୍ମଣଙ୍କ ବିଚାର ଚାଲିଲା। ଲକ୍ଷ୍ମଣଙ୍କ ଓକିଲ ରାଧାଚରଣ ଦାସ, ମୋକଦ୍ଦମା ବୁଝାବୁଝି କଲେ। ଓକିଲ ପିତାମ୍ବର ମିଶ୍ର ମଧ ଲକ୍ଷ୍ମଣଙ୍କ ସପକ୍ଷରେ ଯୁକ୍ତି କରିଥିଲେ ,କିନ୍ତୁ ଉଭୟ ବିଚାରପତି ତଳ କୋର୍ଟର ଦଣ୍ଡକୁ କାଏମ ରଖି ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଦିନ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦିଆଯିବ ବୋଲି ରାୟ ପ୍ରଦାନ କଲେ। ମାର୍ଚ୍ଚ ୨୮ ତାରିଖରେ ସବୁ ରାଜବନ୍ଦୀ ଲକ୍ଷ୍ମଣ ନାୟକଙ୍କୁ ଶେଷ ସାକ୍ଷାତ୍ କଲେ। ସଦାଶିବ ତ୍ରିପାଠୀ ପଚାରିବାରୁ ଲକ୍ଷ୍ମଣ ନାୟକ କହିଲେ ସ୍ୱରାଜ ପାଇଁ ଆମେ ସକଳେ ଲଢୁଥିଲୁ। ମୁଁ ସେତକ ଏ ଜୀବନରେ ଦେଖି ପାରିଲି ନାହିଁ। ସେତିକି ଦୁଃଖ ରହିଗଲା। ହେଲେ ତୁମେମାନେ ଦେଖିବ, ମୋ ପିଲାମାନେ ଦେଖିବେ, ସେଥିରେ ମୁଁ ଖୁସି। ମୋ ପୁଅ ଝିଅକୁ ବାହା କରାଇଦେବ। ଜଣେ ବନ୍ଧୁ ଜେଲକୁ ଆସିଥିଲେ ଦେଖାକରିବାକୁ ତାଙ୍କୁ ସେ କହିଲେ ଗାନ୍ଧିଜୀଙ୍କ ତପସ୍ୟାର ଫଳ ଦିନେ ଦେଶ ସ୍ୱାଧୀନ ହେବ। ତୁମ୍ଭେ ସମସ୍ତେ ମିଳିମିଶି ସ୍ୱାଧୀନତା ଉପଭୋଗ କରିବ।

ମାର୍ଚ୍ଚ ୨୯ ତାରିଖରେ ବ୍ରହ୍ମପୁର ଜେଲ୍‌ରେ କଏଦୀମାନେ "ବନ୍ଦେ ମାତରମ୍", "ମହାତ୍ମା ଗାନ୍ଧିଜୀ ଜୟ" "ଲକ୍ଷ୍ମଣ ନାୟକ ଜୟ" ଧ୍ୱନି ଦେଲେ। ଭୋର ୫ଟାରେ ଗୀତାପାଠ ସାରି ବୀର ଦର୍ପରେ ଲକ୍ଷ୍ମଣ ଆଗେଇ ଚାଲିଲେ ଫାଶୀଖୁଂଟ ପାଖକୁ ସେତେବେଳେ ସେ ଗାଉଥିଲେ ରଘୁପତି ରାଘବ ରାଜାରାମ.....ଶେଷ ଇଚ୍ଛା ପ୍ରକାଶ କରିବାକୁ ଜେଲବାବୁ କହିବାରୁ ଲକ୍ଷ୍ମଣ କହିଥିଲେ.. ସୂର୍ଯ୍ୟ, ଚନ୍ଦ୍ର ପରି ସତ୍ୟ ଭାରତ ମାତା ସ୍ୱାଧୀନ ହେବ।

ଫାଶୀ ପରେ ତାଙ୍କ ଜ୍ଞାତିକୁଟୁମ୍ବଙ୍କୁ ଖବର ଦିଆଯାଇଥିଲା ଇଂରେଜମାନେ ତାଙ୍କର ମୃତ ଦେହକୁ ସେହି ଜେଲ ଭିତରେ ପୋତି ଦେଇଥିଲେ। ସରକାର ଢୋଲ ବଜାଇ ଲକ୍ଷ୍ମଣ ନାୟକ ଫାଶୀ ପାଇଲେ ବୋଲି ଲୋକମାନଙ୍କୁ ଜଣାଇ ଦେଲେ। ପୁଅ ରଘୁନାଥ ପିତାଙ୍କ ମୃତ୍ୟୁ ସମ୍ବାଦ ଢୋଲ ବାଜିବାରୁ ଜାଣିବାକୁ ପାଇଲେ। ସେଦିନ ସମସ୍ତ ବନ୍ଦୀ ଉପବାସ ପାଳନ କଲେ। ସନ୍ଧ୍ୟା ସମୟରେ ଏକ ଶୋକ ସଭାରେ ଜାତୀୟ କବି ବୀରକିଶୋରଙ୍କ ରଚିତ ଗୀତ ଗାନ କରାଗଲା।

ଲକ୍ଷ୍ମଣ ଭାଇରେ ଲକ୍ଷ୍ମଣ ଭାଇ
ମୁକତି ଲଢେଇ ଡାକରା ପାଇ
ଫାଶୀରେ ଚଢ଼ିଲୁ ଆମରି ପାଇଁ
ଆଗତରା ହୋଇ ଆସିଲୁ ଧାଇଁ....

ଫାଶୀ ପୂର୍ବରୁ ଲକ୍ଷ୍ମଣ ନାୟକଙ୍କ ଦେଶ ଓ ମହାତ୍ମା ଗାନ୍ଧୀ ଥିବା ପୁନା ସହରକୁ ପ୍ରଣାମ ଜଣାଇ ଏହି ଗୀତ ଗାଇଥିଲେ -

ମରିନାହିଁ କେବେ ମରିବିନାହିଁ
ମୋ ପାଇଁ ଭାବନା କରିବ ନାହିଁ
....
ମନରେ ଏତିକି ଆଜି ମୋର ଖୁସି
କିବା ଦୋଷେ ଭାଇ ପିନ୍ଧିଲି ମୁଁ ଫାଶୀ
ପୁନା ସହରକୁ ପ୍ରଣାମ କରି ମୁଁ
ଦେଲି ମୋର ପ୍ରାଣ ପୃଥିବୀ ପାଇଁ।

ଭାରତ ମାତା ତାର ଜଣେ ବୀର ସୁଯୋଗ୍ୟ ସନ୍ତାନକୁ ହରାଇଲା। ନିଃସ୍ୱାର୍ଥପର, ନିର୍ଭିକ, ଜନନାୟକ ଲକ୍ଷ୍ମଣ ନାୟକ ଆମ୍ଭ ନିକଟରେ ଚିରସ୍ମରଣୀୟ ହୋଇ ରହିବେ। ସେଥିପାଇଁ ପିଲାମାନେ ଗାଆନ୍ତି। ଲକ୍ଷ୍ମଣ ନାଏକ ହେ ଲକ୍ଷ୍ମନ ନାଏକ ଦେଶ ଲାଗି ଫାଶୀ ଖୁଂଟେ ଝୁଲାଇଲେ ବେଳେ ରଖିଗଲ ଓଡିଶାର ଟେକ।

ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

ଶ୍ରୀମନ୍ଦିରରେ ରାମ ନବମୀ : ଜଗନ୍ନାଥ-ରାମ

କବୀର କୁମାର ଜେନା

ଶ୍ରୀମନ୍ଦିରରେ ରାମନବମୀ ଯାତ୍ରା ଦିବସ ବ୍ୟାପୀ ସତ୍ତ୍ୱଲିପି ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ଶ୍ରୀରାମ ନବମୀ ନୀତିରେ ଯେଉଁଦିନ ପୁଷ୍ୟାନକ୍ଷତ୍ର ଥାଇ ତାରା ଶୁଦ୍ଧି ହୁଏ ସେହି ଦିନ ଶ୍ରୀରାମ ନବମୀ ଅଭିଷେକ ନୀତି ଅନୁଷ୍ଠିତ ହୁଏ। ଚୈତ୍ର ଶୁକ୍ଳ ନବମୀ ତିଥିରେ ନୀତିକାନ୍ତି ଅନୁଯାୟୀ ଶ୍ରୀମନ୍ଦିରରେ ରାମ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ଦିନ ସନ୍ଧ୍ୟା ଆଳତୀ ଓ ଦକ୍ଷିଣୀ ଘର ଭୋଗ ପରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ, ସୀତା ଓ ହନୁମାନ ଭିତରକୁ ବିଜେ ହୋଇ ଆଜ୍ଞାମାଳ ପାଇ ବଟମୂଳେ ଥିବା ରଥରେ ବିଜେ କରନ୍ତି। ରାମ ନବମୀ ତିଥିରେ ଅନେକ ନୀତିକାନ୍ତି ସମ୍ପାଦିତ ହେବା ପରେ ବନ୍ଦାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ଓ କ୍ଷୀର ମଣୋହୀ ଅର୍ପଣ କରାଯାଏ। ପୂଜା ପଣ୍ଡା ଜନ୍ମବିଧି ନୀତିକାନ୍ତି ଆଗେଇ ନେବାପରେ ଶେଷରେ ପଇତା ଲାଗି ନୀତି ଅନୁଷ୍ଠିତ ହୋଇ ଶୀତଳ ଭୋଗ ହୋଇଥାଏ। ଜୟବିଜୟ ଦ୍ୱାର ଠାରେ ଚରୁ ଅନ୍ନ ମଣୋହୀ ସମ୍ପାଦନପରେ ଶ୍ରୀରାମଚନ୍ଦ୍ର ଦକ୍ଷିଣୀ ଘରକୁ ବିଜେ କରିଥାନ୍ତି। ସ୍ୱତ୍ତ୍ୱଲିପିର ନୀତି ବ୍ୟବସ୍ଥା ଅନୁଯାୟୀ ଚୈତ୍ର ଶୁକ୍ଳ ଦଶମୀ ଦିନ ସନ୍ଧ୍ୟାଧୂପ ବଢ଼ି ଦକ୍ଷିଣୀ ଘର ଭୋଗ ସରିବାପରେ ମହାଜନ ସେବକ ରତ୍ନସିଂହାସନରେ ରାମଲକ୍ଷ୍ମଣଙ୍କୁ ବିଜେ କରାଇଥାନ୍ତି।

ପଞ୍ଚସଖାଯୁଗ ପୂର୍ବବର୍ତ୍ତୀ (କପିଳେନ୍ଦ୍ରଦେବ ଯୁଗର କବି) ଅର୍ଜୁନ ଦାସ ସ୍ୱରଚିତ କାବ୍ୟ 'ରାମବିଭା'ରେ ଶ୍ରୀରାମଚନ୍ଦ୍ରଙ୍କୁ ପୁରୁଷୋତ୍ତମ କ୍ଷେତ୍ରରେ କ୍ଷେତ୍ରରାଜ ଶ୍ରୀଜଗନ୍ନାଥ ଠାରୁ ଅଭିନ୍ନ ମନେକରି ରାମଙ୍କ ଚରିତ୍ର ବର୍ଣ୍ଣନା କରିଛନ୍ତି। କବି ପ୍ରଥମେ ଶ୍ରୀକ୍ଷେତ୍ର ବା ପୁରୀର ଶ୍ରୀଜଗନ୍ନାଥଙ୍କ ସ୍ନାନ ମହୋତ୍ସବ ଅବସରରେ ପ୍ରଭୁ ଜଗନ୍ନାଥଙ୍କୁ ନମସ୍କାର କରି, ରାମବିଭା ଗ୍ରନ୍ଥ ଏହି ଜ୍ୟେଷ୍ଠପୂର୍ଣ୍ଣମୀଦିନ ଆରମ୍ଭ କଲେ ଓ ମହୋତ୍ସବର ବର୍ଣ୍ଣନା ମଧ୍ୟ କରିଛନ୍ତି। ଉତ୍କଳ ବାଲ୍ମୀକି ଶୂଦ୍ରମୁନି ବଳରାମ ଦାସ ପ୍ରତାପରୁଦ୍ରୀୟ ଯୁଗର ପଞ୍ଚସଖା କବିମାନଙ୍କ ଭିତରୁ ଜଣେ। ସ୍ୱରଚିତ 'ରାମାୟଣ' କାବ୍ୟରେ ଦେଶାତ୍ମବୋଧର ପରିଚୟ ଦେଇ ଉତ୍କଳର ବହୁ ପୁଣ୍ୟକ୍ଷେତ୍ର, ନଦୀ, ଦେବତା ପ୍ରଭୃତିଙ୍କର ବର୍ଣ୍ଣନା କରି ନୀଳଗିରିନାଥ ଜଗନ୍ନାଥ ସର୍ବଦେବତାର ମୂଳ ଅଟନ୍ତି ବୋଲି କହିଛନ୍ତି। ଶ୍ରୀରାମ ଉତ୍କଳର ଅର୍କକ୍ଷେତ୍ର, ଏକାମ୍ରକ୍ଷେତ୍ର, ନୀଳଗିରିରେ ଜଗନ୍ନାଥାଦିଙ୍କୁ ଦର୍ଶନ କରିଥିବା ବିଷୟରୁ ଜଗନ୍ନାଥ, ରାମଙ୍କ ଠାରୁ ପ୍ରାଚୀନ ବୋଲି କହିଛନ୍ତି। ରାମ ନିଜେ ଜଗନ୍ନାଥ ବୋଲି ମଧ ମତ ଦେଇଛନ୍ତି। ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରା ଯଥାକ୍ରମେ ରାମ, ଲକ୍ଷ୍ମଣ ଓ ସୀତା ଥିବା କବି ବର୍ଣ୍ଣନା କରିଛନ୍ତି।

କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ସ୍ୱରଚିତ କାବ୍ୟ 'ବୈଦେହୀଶ ବିଳାସ'ରେ ରାମସୀତାଙ୍କ ବାହୁଡ଼ା ବିଜେକୁ ଜଗନ୍ନାଥଙ୍କ ବାହୁଡ଼ା ରଥଯାତ୍ରା ସହିତ ତୁଳନା କରି ଗୁଣ୍ଡିଚାବାଡ଼ିକୁ ଜନକପୁର ଓ ବଡ଼ଦେଉଳକୁ ସାଂକେତପୁରୀ ବା ଅଯୋଧ୍ୟା ବୋଲି ପ୍ରକାଶ କରିଛନ୍ତି। ଜଗନ୍ନାଥ ଯେ 'ରାମ' ଏହି କଳ୍ପନା ଓଡ଼ିଶାରେ ନୂତନ ନୁହେଁ। ଭାବଗ୍ରାହୀ ରଘୁବୀର ଶ୍ରୀରାମଚନ୍ଦ୍ର ସ୍ୱୟଂ ପତିତପାବନ ବୋଲି କବି ପ୍ରକାଶ କରିଛନ୍ତି - 'ବଢ଼ାଇଦେଲେ ପୟର ଭାବଗ୍ରାହୀ ରଘୁବୀର, ପୟରେ କ୍ଷାଳିତ କରି, ବସନେ ପୋଛି। ବ୍ରହ୍ମାରେ ଧୌତ ଯେ ଗଦ ନୋହିଛି ଶିବ ବିଷାଦ, ନପାଇ ଚରଣାମୃତ ପାନକୁ ଇଛି, ବିଜ୍ଞାନୀ କୈବର୍ତ୍ତ ଧୋଇଲା, ବିଶ୍ୱେ ପତିତପାବନ ନାମ ରହିଲା।' ରୁଘନାଥ ଭକ୍ତ କବି ଉପେନ୍ଦ୍ରଭଞ୍ଜ ରାମଚନ୍ଦ୍ରଙ୍କର ବରପ୍ରସାଦରୁ ତାରକା ମନ୍ତ୍ରରେ ସିଦ୍ଧିଲାଭ କରି କବି ହୋଇପାରିଥିଲେ ବୋଲି ରଘୁନାଥଙ୍କ ନାମ ସ୍ମରଣ କରି ପଦ ଭଣିତା କଲେ। କେବଳ ଏତିକି ନୁହେଁ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟର ପ୍ରଥମ ଛନ୍ଦରେ ଉପେନ୍ଦ୍ରଭଞ୍ଜ କହିଛନ୍ତି କି ଜଗନ୍ନାଥଙ୍କ କୃପାରୁ ସେ କବି ହୋଇପାରିଛନ୍ତି। କବିସମ୍ରାଟ 'ବୈଦେହୀଶ ବିଳାସ' ଗ୍ରନ୍ଥ ଆରମ୍ଭ କରିବା ପୂର୍ବରୁ ନୀଳାଚଳନାଥ ଭଗବାନ ପୁରୁଷୋତ୍ତମରୂପୀ ନାରାୟଣଙ୍କୁ ସ୍ତୁତିକରି ଜଗନ୍ନାଥଙ୍କୁ ପ୍ରଥମେ ନମସ୍କାର କରି, ରାମଚନ୍ଦ୍ର ସୂର୍ଯ୍ୟବଂଶରେ ଜନ୍ମ ଗ୍ରହଣ କରିଥିବାରୁ ସୂର୍ଯ୍ୟଙ୍କୁ ମଧ ନମସ୍କାର କରିଛନ୍ତି।

କବି ବଳରାମ ଦାସ ସ୍ୱରଚିତ 'ରାମାୟଣ' ଗ୍ରନ୍ଥରେ ଅଯୋଧ୍ୟାରେ ରାମଙ୍କର ଅଭିଷେକରେ ସୀତା-ରାମଙ୍କର ବନ୍ଦାପନା ପୁରୀ (ନୀଳଗିରି) ରଥଯାତ୍ରା ସମାପନ ସମୟରେ ଲକ୍ଷ୍ମୀ - ନାରାୟଣ ଭେଟକୁ ପ୍ରକାରାନ୍ତରେ ଲକ୍ଷ୍ୟ କରି କହିଛନ୍ତି - 'ଅଯୋଧାରେ ଅଭିଷେକ ଶ୍ରୀରାମ ଯେମନ୍ତ, ତେସନ ନୀଳଗିରିରେ ଲକ୍ଷ୍ମୀ ଜଗନ୍ନାଥ। ମୁହିଁ ବଳରାମ ଦାସ ସେଠାବରେ ଥିଲି, ଲକ୍ଷ୍ମୀ ନାରାୟଣ ବନ୍ଦାପନାକୁ ଦେଖିଲି।'

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ :
୮୯୧୭୩୭୭୯୮୭

ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ରୀ

ପଣ୍ଡିତ ସୋମନାଥ ଦାଶ

ନବରାତ୍ରୀ ବ୍ରତର ବିଶେଷତ୍ୱ ସଂପର୍କରେ 'ଦେବୀ ଭାଗବତ'ରେ ଉଲ୍ଲେଖ ଅଛି, ଯେ ଶାରଦୀୟ ନବରାତ୍ରି ବ୍ରତ ବିଧି ପୂର୍ବକ ଏବଂ ବାସନ୍ତିକ ନବରାତ୍ରି ବ୍ରତ ପ୍ରୀତିପୂର୍ବକ ପାଳନ କରିବା ଉଚିତ। ଶାରଦୀୟ ନବରାତ୍ରି ଦେବୀ ଓ ଦେବତାଙ୍କର ରାତ୍ରି ବା ନିଦ୍ରାକାଳ ହୋଇଥିବା ବେଳେ, ବାସନ୍ତିକ ନବରାତ୍ରି ଦେବୀ ଓ ଦେବତାଙ୍କର ଦିବସ ବା ଜାଗ୍ରତ କାଳ। ଏଣୁ ଶାରଦୀୟ ନବରାତ୍ରି ପରି, ବାସନ୍ତିକ ନବରାତ୍ରିରେ ଦେବୀଙ୍କର ଅକାଳବୋଧନ କରିବାକୁ ପଡ଼ି ନଥାଏ। ତେବେ ଉଭୟ ନବରାତ୍ରିରେ ଦେବୀଙ୍କର ନବମ ଦିନର ରୂପ ସିଦ୍ଧିଦାତ୍ରୀ। ଶାସ୍ତ୍ରପୁରାଣ ମାନଙ୍କରେ ଅଷ୍ଟସିଦ୍ଧିର ବର୍ଣ୍ଣନା ଅଛି। ତାହା ହେଉଛି - ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ ଓ କାମବସାୟିତ୍ୱ। ଏହି ଅଷ୍ଟସିଦ୍ଧି ଯୋଗସାଧନା ବଳରେ ଲବ୍ଧ ହୁଏ। ମାତ୍ର ଦେବୀଙ୍କର ନବରାତ୍ରି ବ୍ରତ ପାଳନ କଲେ ଏହା ଅନାୟାସରେ ଉପଲବ୍ଧି ହୋଇଥାଏ। ଓଡ଼ିଆ ଆଧାତ୍ମିକ ଚେତନା ଓ ଧର୍ମୀୟ ଲୋକବିଶ୍ୱାସରେ ପରିପୂର୍ଣ୍ଣ ହୋଇଛି ମା'ଙ୍କ ପୂଜା ଆରାଧନା। ବିଶେଷକରି ଚୈତ୍ର ମାସରେ ମା'ବାସନ୍ତୀକ ଦୁର୍ଗାପୂଜା କେବଳ ଓଡ଼ିଆ ଆଧାତ୍ମିକ ଚେତନା ନୁହେଁ ବରଂ ସମଗ୍ର ଭାରତରେ ଏହା ଅତ୍ୟନ୍ତ ଆଧାତ୍ମିକ ଭକ୍ତିପୂତ ପରିବେଶରେ ପାଳିତ ହୋଇଥାଏ। କେବଳ ମା'ଦୁର୍ଗାଙ୍କ ଆଶ୍ରିତ ନୁହଁନ୍ତି ଆଧାତ୍ମିକ ଶ୍ରଦ୍ଧାଳୁମାନେ ଭକ୍ତି, କାଷ୍ଠା ଓ ବିଶ୍ୱାସକୁ ନେଇ ମା'ଦୁର୍ଗାଙ୍କୁ ସମର୍ପଣ ଭିତ୍ତିକ ଚେତନା ନେଇ ପୂଜା କରିଥାନ୍ତି। ଗୋଟିଏ ବର୍ଷରେ ୫ଥର ନବରାତ୍ରୀ ଉତ୍ସବ ପାଳିତ ହୋଇଥାଏ। ଏହି ଉତ୍ସବରେ ଦେବୀ ଦୁର୍ଗାଙ୍କର ୯ଟି ଭିନ୍ନ ଭିନ୍ନ ସ୍ୱରୂପକୁ ପୂଜା କରାଯାଇଥାଏ। ଏହି ୫ଟି ନବରାତ୍ରୀ ହେଲେ - ବସନ୍ତ ନବରାତ୍ରୀ, ଆଷାଢ଼ ନବରାତ୍ରୀ, ଶରତ ନବରାତ୍ରୀ, ପୌଷ ନବରାତ୍ରୀ ଏବଂ ମାଘ ନବରାତ୍ରୀ। ଏହି ୫ଟି ନବରାତ୍ରୀ ମଧ୍ୟରୁ ଶରତ ନବରାତ୍ରୀ ବା ଶାରଦୀୟ ଦୁର୍ଗାପୂଜା ଏବଂ ବସନ୍ତ ନବରାତ୍ରୀ ବା ବାସନ୍ତିକ ଦୁର୍ଗାପୂଜା ବିଶେଷ ଭାବେ ପ୍ରସିଦ୍ଧ। ତେବେ ବସନ୍ତ ନବରାତ୍ରୀ ସାଧାରଣତଃ ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ ପାଳିତ ହୋଇଥାଏ। ଚୈତ୍ର ମାସ ଶୁକ୍ଳପକ୍ଷରେ ଆୟୋଜିତ ହେଉଥିବା ଏହି ନବରାତ୍ରୀକୁ ଚୈତ୍ର ନବରାତ୍ରୀ କୁହାଯାଏ। ଏହା ସାଧାରଣତଃ ଚୈତ୍ର ପ୍ରତିପଦା ଠାରୁ ଆରମ୍ଭ ହୋଇ ଦଶମୀ ଦିନ ଶେଷ ହୋଇଥାଏ। ଏହି ନବରାତ୍ରୀ ଅବସରରେ ହିନ୍ଦୁ ନବବର୍ଷ ମଧ୍ୟ ଆରମ୍ଭ ହୋଇଥାଏ। ଓଡ଼ିଶାରେ ବାସନ୍ତୀକ ଦୁର୍ଗାପୂଜା ଅନେକ ସ୍ଥାନରେ ଅନୁଷ୍ଠିତ ହେଉଛି। ଯେଉଁ ମଣ୍ଡପରେ ବା ଆସ୍ଥାନରେ ଦେବୀ ଦୁର୍ଗାଙ୍କୁ ଆରାଧନା କରାଯାଇଥାଏ ସେହି ସ୍ଥାନରେ ବାସନ୍ତିକ ଦୁର୍ଗାପୂଜା କରାଯାଏ। କଟକର ମଙ୍ଗଳାବାଗ, କଲେଜଛକ, ବଙ୍ଗାଳିସାହି, ପିଠାପୁର, ଝାଞ୍ଜିରୀମଙ୍ଗଳା ପରି ସ୍ଥାନରେ ଏହା ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହେଉଛି। ସାହି ମୁରବୀ ଓ ମା'ଦୁର୍ଗାଙ୍କ ଆଶ୍ରିତମାନଙ୍କ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହେଉଛି। ପ୍ରାୟତଃ ମଙ୍ଗଳ ବାର ଠାରୁ ଚୈତ୍ର ନବରାତ୍ର ଆରମ୍ଭ ହୋଇଥାଏ। ବିଶ୍ୱାସ ରହିଛି ମା'ଦୁର୍ଗାଙ୍କ ପୂଜାଫଳ ବିଶେଷ ଭାବରେ ପ୍ରାପ୍ତି ହୋଇଥାଏ। ଜୀବନ ସାର୍ଥକ ନିମିତ୍ତ ଲୋକବିଶ୍ୱାସ ରହିଛି ନବରାତ୍ରୀ ଏଭଳି ଏକ ପରବ ଯେଉଁଥିରେ ମାତା ଲକ୍ଷ୍ମୀ, ଦୁର୍ଗା, ମହାକାଳୀ, ମାତା ସରସ୍ୱତୀଙ୍କୁ ପୂଜା କରାଯାଇଥାଏ। ବାସନ୍ତୀ ଦୁର୍ଗାପୂଜାରେ ଦୁର୍ଗା ସପ୍ତଶତୀ ପାଠ କରାଯାଏ। ମାତାଙ୍କ ବ୍ରତ ରଖି କେହି କେହି ଉପବାସ କରିଥାନ୍ତି। ତୁଳସୀ, ଫୁଲ ଓ ଦୁବ ମା'ଦୁର୍ଗାଙ୍କୁ ସମର୍ପଣ କରାଯାଏ। ପୂଜାବେଳେ ଲାଲ ବସ୍ତ୍ର ପରିଧାନ ଶୁଭଫଳ ପ୍ରାପ୍ତି ଦେଇଥାଏ ବୋଲି ବିଶ୍ୱାସ ରହିଛି। ପୂଜାସ୍ଥଳୀରେ ଭଗବତୀ ଦୁର୍ଗା, ଭଗବତୀ ଲକ୍ଷ୍ମୀ ଓ ମାତା ସରସ୍ୱତୀଙ୍କ ବିଗ୍ରହ ବା ଫଟୋଚିତ୍ର ରହିଥାଏ। ଅନେକ ସ୍ଥାନରେ ଅଖଣ୍ଡ ଦୀପ ମାତା ଦୁର୍ଗାଙ୍କୁ ସମର୍ପିତ ହୋଇ ପ୍ରଜ୍ୱଳିତ ହୋଇଥାଏ। ଚୈତ୍ର ନବରାତ୍ରର ଶେଷ ଦିନରେ ଘରେ ଥିବା ପୁସ୍ତକ, ବାଦ୍ୟଯନ୍ତ୍ର ଆଦିର ପୂଜା ହୋଇଥାଏ। ଏହି ସମୟରେ ମା'ବାସନ୍ତୀ ଦୁର୍ଗାଙ୍କୁ ମନ୍ତ୍ର - 'ଓଁ ଏଂ ହ୍ରୀଂ କ୍ଲୀଂ ଚାମୁଣ୍ଡାୟେ ବିଚ୍ଚେ'। ଆସନ୍ତୁ ବାସନ୍ତୀ ଦୁର୍ଗାଙ୍କୁ ଶତକୋଟି ପ୍ରଣାମ କରି ତାଙ୍କ ଆଶୀର୍ବାଦ ପ୍ରାପ୍ତ ହେବା।

କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ,
ଦୂରଭାଷ : ୭୦୦୮୦୦୦୮୯୮

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୯ ମେ' ୨୦୨୬

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ବିଡିଓଙ୍କୁ ୬ଦଫା ଦାବିପତ୍ର ପ୍ରଦାନ

୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନ କରାଯିବ

ବଣାଇ : ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତରଫରୁ ହେମଗିର ବ୍ଲକର ଗାଁ ମାନଙ୍କରେ ଥିବା ଜରୁରୀ ସମସ୍ୟାର ସମାଧାନ ସମ୍ବନ୍ଧରେ ୬ ଦଫା ଦାବି ପତ୍ର ପ୍ରଦାନ ସୋମବାର ଦିନ ହେମଗିର ବିଡିଓ ରିନା ନାଏକଙ୍କୁ ପ୍ରଦାନ କରାଯାଇଛି । ଏହା ସହ ଆସନ୍ତା ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାନଗଲେ ତିବ୍ର ଆନ୍ଦୋଳନ କରାଯିବାର ଚେତାବନୀ ଦେଇଛନ୍ତି । ହେମଗିର ବ୍ଲକ ଟି ବେଦାନ୍ତ,ଓସିପିଏଲ, ଆଦାନୀ, ଏମସିଏଲ, ଏନଟିପିସି ଭଳି ଅନେକ ଖଣି ଖାଦାନରେ ପରିପୂର୍ଣ୍ଣ ହେଇ ଥିବାରୁ ବିଭିନ୍ନ ସମସ୍ୟା ଲାଗି ରହିଛି ଓ ଯାହାକୁ ନେଇ ହେମଗିର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ୬ ଟି ଦାବି ଉପସ୍ଥାପନ କରାଯାଇଛି । ଖଣି ଖାଦାନ ଅଞ୍ଚଳରେ ବା ଗ୍ରାମ ମାନଙ୍କରେ ଜଳ ସ୍ତର

ହ୍ରାସ ହୋଇ ଥିବାରୁ ନଳକୂପ,ବୋର୍ ୱେଲ, ପୋଖରୀ ଗୁଡ଼ିକ ଶୁଖି ଯାଇଛି ତେଣୁ ପିଇବା ପାଇଁ ପାନୀୟଜଳ,ଗାଧୋଇବା ପାଇଁ ପାଣି, ଓ ଗୃହ ପାଳିତ ପଶୁ ମାନଙ୍କ ପାଇଁ ପାଣି ଯୋଗାଇ ଦିଆଯାଉ,ହେମଗିର ବ୍ଲକ ରେ ଖଣି ଖାଦାନ ପରିପୂର୍ଣ୍ଣ ଥିଲେ ମଧ୍ୟ ଖଣି ଖାଦାନ ମାନଙ୍କରେ ବାହାର ରାଜ୍ୟରୁ ଶ୍ରମିକ ଆଣି କାମ କରା ଯାଉଛି, ଯା ଫଳରେ ହେମଗିର ବ୍ଲକର ଯୁବ ଗୋଷ୍ଠୀ କାମ ଧନ୍ଦା ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ତେଣୁ ସେମାନଙ୍କୁ ଚିହ୍ନଟ କରି ହେମଗିର ବ୍ଲକରେ ଥିବା ଖଣି ଖାଦାନ ମାନଙ୍କରେ ନିଯୁକ୍ତି ପ୍ରଦାନ କରିବା,ସ୍ଥାନୀୟ ଖଣି ଖାଦାନ ମାନଙ୍କରେ ହେମଗିର ବ୍ଲକର ବେକାର ଯୁବ ଗୋଷ୍ଠୀଙ୍କୁ ଅଗ୍ରାଧିକାର ଭିତ୍ତିକ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରି ନିଯୁକ୍ତି ପ୍ରଦାନ କରାଯାଉ, ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା ପାଇବା ପାଇଁ ଅନଲାଇନ ଦ୍ୱାରା ଆବେଦନ କରିଥିବା ହିତାଧିକାରୀ ମାନଙ୍କୁ ଯଥା ଶୀଘ୍ର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଉ,ଆଧାର କାର୍ଡ ଫିଙ୍ଗରପ୍ରିଣ୍ଟ ସପୋର୍ଟ କରୁନଥିବାରୁ ହିତାଧିକାରୀ ମାନଙ୍କୁ ନଗଦ ଭତ୍ତା ରାଶି ପ୍ରଦାନ କରାଯାଉ, ରାସନ୍ କାର୍ଡ ପାଇବାରେ ବଞ୍ଚିତ ପରିବାର ଓ ରାସନ୍ କାର୍ଡ଼ରେ ନାମ ସଂଯୋଗରେ ବଞ୍ଚିତ ଥିବା ହିତାଧିକାରୀ ମାନଙ୍କ ପାଇଁ ପଞ୍ଚାୟତ ଅଫିସରେ କ୍ୟାମ୍ପ ଅନୁଷ୍ଠିତ କରି ଯଥା ଶୀଘ୍ର ନାମ ସଂଯୋଗ ଓ ନୂତନ ରାସନ୍ କାର୍ଡ ଅନ୍ ଲାଇନ୍ ପ୍ରକ୍ରିୟା ଶେଷକରି ରାସନ୍ ପ୍ରଦାନ କରାଯାଉ । ଏହି ଦାବି ଗୁଡିକ ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟାର କରା ନଗଲେ ଆନ୍ଦୋଳନ କରାଯିବ ବୋଲି ପାଟି ତରଫରୁ କୁହାଯାଇଛି । ଏହି ଅବସରରେ ରାଧେଶ୍ୟାମ ଗରଡ଼ିଆ, ସୁକଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ବିର୍ଲା ଟାୟାର୍ସରେ ସାକ୍ଷାତକାର ବେଳେ ଉତ୍ତେଜନା

ବାଲେଶ୍ୱର : ବିର୍ଲା ଟାୟାର୍ସରେ ସାକ୍ଷାତକାର ବେଳେ ଫାଟକ ସମ୍ମୁଖରେ ଉତ୍ତେଜନା ପରିସ୍ଥିତି ଘଟିଛି । ଶୁକ୍ରବାର ଓ ଶନିବାର ଦୁଇଦିନ ବ୍ୟାପୀ ବିର୍ଲା ଟାୟାର୍ସ ପକ୍ଷରୁ ନିଯୁକ୍ତି ସୁଯୋଗ ବାହାରି ସାକ୍ଷାତକାର ହୋଇଥିଲା । ସକାଳ ସାଢ଼େ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ପଞ୍ଜୀକରଣ ସମୟ ରହିଥିବା ବେଳେ ଶନିବାର ଥିଲା ଶେଷ ଦିନ । ଡିପ୍ଲୋମା ଓ ଆଇଟିଆଇର ଯୁବକଯୁବତୀ ସାକ୍ଷାତକାର ପାଇଁ ଆସିଥିଲେ । କିନ୍ତୁ ସମୟ ଶେଷ ହୋଇଯାଇଥିବାରୁ ଅନେକ ଫେରି ଯାଇଥିଲେ । ଯେହେତୁ ଶନିବାର ଶେଷ ଦିନ ଥିବାରୁ ପାଖାପାଖି ୪ ହଜାରରୁ ଅଧିକ ଯୁବକଯୁବତୀ ଭୋର୍ ସମୟରୁ ଆସି ପଞ୍ଜୀକରଣ କରିବା ପାଇଁ ଲାଇନ୍ ?ରେ ଛିଡ଼ା ହୋଇଥିଲେ । ଅନେକ ସମୟ ପର୍ଯ୍ୟନ୍ତ ଜାତୀୟ ରାଜପଥ ମଧ ଗହଳି

ହୋଇଥିଲା । ପଞ୍ଜୀକରଣ ସମୟ ଶେଷ ହେବାକୁ ଥିବାବେଳେ ହଜାର ହଜାର ପିଲା ପଞ୍ଜୀକରଣ କରିପାରିନଥିବାରୁ ପରସ୍ପର ମଧ୍ୟରେ ଧସ୍ତାଧସ୍ତି ଲାଗିଥିଲେ । ଏପରିକି କିଛି ସମୟ ପାଇଁ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ସମସ୍ତେ ଆଗକୁ ଯିବା ପାଇଁ ପରସ୍ପର ଝଗଡ଼ା ଆରମ୍ଭ କରିଥିଲେ । ପରେ ଚେୟାର୍ ପିଙ୍ଗା ଫୋପଡ଼ା ସହ ଜବରଦସ୍ତ ଫାଟକକୁ ପେଲି ଭିତରକୁ ପଶିବାକୁ ଉଦ୍ୟମ କରିବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ଘଟଣାସ୍ଥଳରେ ଶିଳ୍ପାଞ୍ଚଳ ପୁଲିସ ପହଞ୍ଚି ବୁଝାସୁଝା କରିଥିଲେ ।

ଯୁବକଙ୍କୁ ଖଣ୍ଡାଚୋଟ, ଅଳ୍ପକେ ବର୍ତ୍ତିଲେ

ବାଲେଶ୍ୱର : ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଆଜି ସକାଳୁ ସକାଳୁ ଜଣେ ଯୁବକ ଖଣ୍ଡା ଚୋଟର ଶିକାର ହୋଇଥିବା ଦେଖାଯାଇଛି । ଖଣ୍ଡାଚୋଟରେ ଆହତ ହୋଇଥିବା ଯୁବକଙ୍କ ନାମ ରାକେଶ ଶାହା । ତାଙ୍କ ଘର ଭାସ୍କରଗଞ୍ଜ (ଏ) ଅଞ୍ଚଳରେ ବୋଲି ଜଣାପଡ଼ିଛି । ଆଜି ସକାଳ ପ୍ରାୟ ୯ଟା ସମୟରେ ରାକେଶ କୌଣସି ଏକ କାମରେ ଯାଉଥିବା ବେଳେ ତାଙ୍କୁ ଆକ୍ରମଣ କରାଯାଇଥିଲା । ରାକେଶଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଉଥିବା ବେଳେ ସେ ହାତ ଦେଖାଇଥିବା ଏବଂ ତାଙ୍କ ହାତରେ ଖଣ୍ଡାଚୋଟ ବାଜିବାରୁ ସେ ଅଳ୍ପକେ ବର୍ତ୍ତିଯାଇଥିଲେ । ରାକେଶଙ୍କ ଅଭିଯୋଗକ୍ରମେ ଏନେଇ ସହଦେବଖୁଣ୍ଟା ଥାନା ପୁଲିସ ମାମଲା ରୁଜୁ କରିଛି । ରାକେଶଙ୍କୁ ଆକ୍ରମଣ ପଛର କାରଣ, ତାଙ୍କୁ କିଏ ଆକ୍ରମଣ କରିଛି; ସେନେଇ ଜଣାପଡ଼ି ନଥିବା ବେଳେ ମାମଲାର ତଦନ୍ତ ଜାରି ରହିଥିବା ଆଇଆଇସି ଆଲୋକ ବେହେରା କହିଛନ୍ତି । ଅପରପକ୍ଷେ ଜମିଜିମା ବିବାଦ ପାଇଁ ପାଇଁ ତାଙ୍କୁ ପାଇଁ ତାଙ୍କୁ ସମ୍ପର୍କୀୟ ଆକ୍ରମଣ କରିଥିବା ଚର୍ଚ୍ଚା ହେଉଛି ।

ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି

ବଣାଇ : ବଣାଇ ଉପଖଣ୍ଡ ଅନ୍ତର୍ଗତ କୋଇଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହ ଠାରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡା.ଶୁଭଙ୍କର ମହାପାତ୍ର ଜନ ସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଯୁଗ୍ମ ଜନଶୁଣାଣୀ କରିଛନ୍ତି । ଉକ୍ତ କର୍ଯ୍ୟକ୍ରମରେ ମୋଟ: ୮୦ ଗୋଟି ଅଭିଯୋଗ ପଞ୍ଜି କୃତ ହେଇଥିଲା । ସେଥିମଧ୍ୟରୁ ୧୦ଗୋଟି ଅଭିଯୋଗ ବ୍ୟକ୍ତିଗତ ରହିଥିବା ବେଳେ ସାମୁହିକ ଭାବେ ୭୦ ଗୋଟି ଅଭିଯୋଗ ଆସିଥିଲା । ସାମୁହିକ

ଅଭିଯୋଗମଧ୍ୟରେ ରାସ୍ତା, ପାନୀୟ ଜଳ, ଖଣି,ତଥା ଶାନ୍ତି ଶୃଙ୍ଖଳା ପ୍ରଭୃତି ସମସ୍ୟା ମାନ ରହିଥିଲା । ଏହି କାର୍ଯ୍ୟକ୍ରମ ରେ ଜଣଙ୍କୁ ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଉକ୍ତ ଜନ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ରାଉରକେଲା ଏସ୍. ପି. ନୀତିସ୍ ୱଧ୍ୱାନୀ, ବଣାଇ ଉପ- ଜିଲ୍ଲାପାଳ ଅଶେକ୍ଷକ ଦାସ, ପି. ଏ. ଆଇ. ଟି. ଡି. ଏ ସ୍ୱଦୀପ ଟପୋଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

ରେଳ ଷ୍ଟେସନରୁ ୨୯ ଛାତ୍ରଛାତ୍ରୀ ଉଦ୍ଧାର, ଜଣେ ଯୁବକ ଅଟକ

ବାଲେଶ୍ୱର : ସୋର ରେଳଷ୍ଟେସନରୁ ବିଳମ୍ବିତ ରାତିରେ ୨୯ ଜଣ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କଲା ରେଳବାଇ ପୋଲିସ । ଛାତ୍ରଛାତ୍ରୀଙ୍କ ବୟସ ୧୮ରୁ କମ୍ ହୋଇଥିବା ବେଳେ ସେମାନଙ୍କୁ କେଉଁ ଉଦ୍ଦେଶ୍ୟରେ ଟ୍ରେନ ଯୋଗେ ନିଆଯାଉଥିଲା ତାହା ଏବେ ତଦନ୍ତ ପରିସରଭୁକ୍ତ । ଏଥିସହ ଛାତ୍ରଛାତ୍ରୀଙ୍କୁ ନେଉଥିବା ବ୍ୟକ୍ତିଙ୍କୁ ଅଟକ ରଖି ରେଳବାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, କପ୍ତିପଦା ଅଞ୍ଚଳରୁ ଜଣେ ଯୁବକ ଏହି ୨୯ ଜଣ ଛାତ୍ରଛାତ୍ରୀଙ୍କୁ ବସ୍ ?ରେ ଆଣି ଟ୍ରେନ ଯୋଗେ ଅନୁଗୋଳ ନେବାପାଇଁ ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିଥିଲେ । ଏତେ ସଂଖ୍ୟକ ଛାତ୍ରଛାତ୍ରୀ କେଉଁ ଆଡେ ଯାଉଛନ୍ତି, କେଉଁ କାରଣରୁ ଯାଉଛନ୍ତି ସେନେଇ ରେଳବାଇ ପୋଲିସର ସନ୍ଦେହ ହେବାରୁ ରେଳବାଇ ପୋଲିସ ସେମାନଙ୍କ ପରିଚୟ ପତ୍ର ଯାଞ୍ଚ କରିଥିଲା । ସେମାନଙ୍କ ପାଖରେ ସେମିତି କିଛି କାଗଜପତ୍ର ନଥିବାରୁ ରେଳବାଇ ପୋଲିସର ସନ୍ଦେହ ଅଧିକ

ଘନୀଭୂତ ହୋଇଥିଲା । ସେଥି ପାଇଁ ସମସ୍ତ ଛାତ୍ରଛାତ୍ରୀ ଓ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଚାଇଲ୍ଡ ଲାଇନକୁ ଜଣାଇଥିଲା । ଚାଇଲ୍ଡ ଲାଇନ ସଦସ୍ୟ ରେଳ ଷ୍ଟେସନରେ ପହଞ୍ଚି ୨୯ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିଥିଲା । ଅନ୍ୟପଟେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଧର୍ମାନ୍ତୀକରଣ ପାଇଁ ନିଯାଉଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଛାତ୍ରଛାତ୍ରୀଙ୍କୁ ନେଉଥିବା ବ୍ୟକ୍ତିଙ୍କୁ ଅଟକ ରଖି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।ଏହି ଘଟଣାରେ ଚାଇଲ୍ଡ ଲାଇନ ସୁପରଭାଇଜର ତପସ୍ୱିନୀ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି,' ଉଦ୍ଧାର ହୋଇଥିବା ୨୯ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪ ଜଣ ନାବାଳିକା ଓ ୫ ଜଣ ନାବାଳକ ରହିଛନ୍ତି । ସେମାନଙ୍କୁ ଉଦ୍ଧାର କରାଯାଇ ସୋର ଏବଂ ବାଲେଶ୍ୱରରେ ରଖାଯାଇଛି । ପ୍ରାଥମିକ ତଦନ୍ତରୁ ଦୁଇଟି କଥା ସାମ୍ନାକୁ ଆସିଛି, ଗୋଟିଏ ଧର୍ମାନ୍ତୀକରଣ ଓ ଅନ୍ୟଟି ସେମାନେ ସମର କୋର୍ସ କରିବାକୁ ଯାଉଥିବା ଜଣାପଡିଛି । ଆସନ୍ତାକାଲି ସେମାନଙ୍କୁ ଆଉଥରେ କାଉନସେଲିଂ କରାଗଲା ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ ।

ଦେଶୀ ବିହନ ସହ ଜୈବିକ ଚାଷ ଉପରେ ସଚେତନତା ରାଲି

ରାୟଗଡା : ଜିଲ୍ଲାର ରାୟଗଡା ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମପଞ୍ଚାୟତର ପିଟୁଡ଼ି, ଉଦୟପୁର ଓ ଫୁଲକୋନା ଗ୍ରାମରେ ଶାଲାର ଫାଉଣ୍ଡେସନ ପକ୍ଷରୁ ଦେଶୀ ଧାନ ବିହନ ଚାଷ ଏବଂ ଜୈବିକ ପଦ୍ଧତିରେ କୃଷି ସମ୍ବନ୍ଧୀୟ ଏକ ସଚେତନତା ରାଲି ଆୟୋଜିତ

ହୋଇଥିଲା । ଏହି ରାଲିର ମୂଳ ଉଦ୍ଦେଶ୍ୟ ଥିଲା କୃଷକମାନଙ୍କୁ ଦେଶୀ ବିହନର ସୁରକ୍ଷା, ଜୈବିକ ଚାଷର ଲାଭ ଏବଂ ରାସାୟନିକ ସାର ଓ କୀଟନାଶକର କୁପ୍ରଭାବ ସମ୍ପର୍କରେ ସଚେତନ କରିବା । ଏହି କାର୍ଯ୍ୟକ୍ରମରେ ଶାଳାର ଫାଉଣ୍ଡେସନର ଅଧକ୍ଷ ଶ୍ରୀ ପ୍ରମୋଦ କୁମାର ପଣ୍ଡା ଯୋଗଦେଇ ଦେଶୀ ଧାନ ବିହନର ଗୁରୁତ୍ୱ ଓ ଜୈବିକ କୃଷି ପ୍ରଣାଳୀର ଆବଶ୍ୟକତା ବିଷୟରେ କୃଷକମାନଙ୍କୁ ଅବଗତ କରାଇଥିଲେ । ସେ କହିଥିଲେ ଯେ ଦେଶୀ ବିହନ ଆମ ପାରମ୍ପରିକ ସମ୍ପଦ ଏବଂ ଏହାକୁ ସୁରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ । ଏହି ସଚେତନତା ରାଲିରେ ଶ୍ରୀମତୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଶ୍ରୀ ରଞ୍ଜନ ମାଣ୍ଡାଙ୍ଗୀ, ଶ୍ରୀ ନର୍ସି କୁଲେସିକା ଏବଂ ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟର୍ନ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସେମାନେ ଗ୍ରାମରେ ଘରେ ଘରେ ଯାଇ ଲୋକମାନଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ପ୍ରେରିତ କରିଥିଲେ । ଗ୍ରାମବାସୀ ଓ କୃଷକମାନେ ଏହି ରାଲିକୁ ସ୍ୱାଗତ କରିଥିବା ସହ ଭବିଷ୍ୟତରେ ଦେଶୀ ବିହନ ବ୍ୟବହାର କରି ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଶାଲାର ଫାଉଣ୍ଡେସନ ପକ୍ଷରୁ ଏପରି ସଚେତନତା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଜାରି ରହିବ ବୋଲି ସୂଚନା ଦେଇଥିଲେ ।

ଟିମ୍ ସ୍ନୋ -ଫେଷ୍ଟ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର : ବାଲେଶ୍ୱରର ସାଂସ୍କୃତିକ ଅନୁଷ୍ଠାନ ଟିମ ସ୍ନୋ-ଫେଷ୍ଟ ପକ୍ଷରୁ ଏକ ରକ୍ତଦାନ ଶିବିର ହୋଟେଲ୍ ଟପ୍ ଆଣ୍ଡ ଟେଷ୍ଟିରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରୁ ୨୦୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ଫକୀରମୋହନ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ଯୁବନେତା ଶୁଭମ ସାଇ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବସ୍ତା ବିଧାୟିକା ସୁବାସିନୀ ଜେନା, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର କୋ-ଅପରେଟିଭ୍ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ସମାଜସେବୀ ସାହିରୁଲ ହକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଙ୍କୁ ଉତ୍ସାହିତ କରିଥିଲେ । ଦେବଜ୍ୟୋତି ଦାସ ମହାପାତ୍ର, ଅଭିଜିତ ବିଶ୍ୱାଳ, ରିମା ଜୋସେଫ, ପ୍ରକାଶ ସନ୍ଧିବିଗ୍ରହ, ଅନିଲ ପ୍ରଧାନ, ଜଗନ୍ନାଥ ବେହେରା, ବୈଭବ ଶତପଥୀ, ବିଦୁଭୂଷଣ ଓ ରଷିକା ରାଉତ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

ରେମୁଣାରେ ଜିଲ୍ଲାପାଳ–ଏସ୍‌ପିଙ୍କ ମିଳିତ ଜନଶୁଣାଣି

୪୪ ଅଭିଯୋଗ ଗ୍ରହଣ, ୫ଟିର ତତ୍କାଳ ସମାଧାନ

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲାର ରେମୁଣା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ସକାଳ ୭ଟା ସମୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣୀରେ ରେମୁଣା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ଆସିଥିବା ମୋଟ ୪୪ ଜଣ ଅଭିଯୋଗକାରୀ ନିଜ ଅଭିଯୋଗ ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିଥିଲେ । ପ୍ରାପ୍ତ ଅଭିଯୋଗମାନଙ୍କ ମଧ୍ୟରୁ ୪୧ଟି ବ୍ୟକ୍ତିଗତ, ୧ଟି ସାମୂହିକ ଅଭିଯୋଗ ଥିବାବେଳେ ୨ଟି ଆବେଦନ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ପର୍କିତ ଥିଲା । ସେଥିମଧ୍ୟରୁ ୫ଟି ଅଭିଯୋଗର ଘଟଣାସ୍ଥଳରେ ହିଁ ତତ୍କାଳ ସମାଧାନ କରାଯାଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ହେମନ୍ତ କୁମାର ସିଂହ, ଉପଜିଲ୍ଲାପାଳ ଶ୍ରୀ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ଅମୂଲ୍ୟ କୁମାର ଦାସ, ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡା. ମଧୁସ୍ମିତା ସାମନ୍ତରାୟ, ରେମୁଣା ତହସିଲଦାର ଶ୍ରୀମତୀ ବର୍ଷା ପରିଡ଼ାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବଜ୍ରାଘାତରେ ଦଶମ ଶ୍ରେଣୀ ଛାତ୍ର ମୃତ

ବଣାଇ : ବଜ୍ରାଘାତରେ ଦଶମ ଶ୍ରେଣୀ ଛାତ୍ର ମୃତ । ସୁନ୍ଦରଗଡ ଜିଲ୍ଲା ବଣେଇ ଉପଖଣ୍ଡ ଲହୁଣୀପଡ଼ା ଥାନା ଅନ୍ତର୍ଗତ ଲୁଥୁର୍ବା ଗ୍ରାମର ସଞ୍ଜୀବ କିଶାନ ଅନ୍ୟ ତିନିଜଣ ସାଙ୍ଗଙ୍କ ସହ ଆଜି ସନ୍ଧ୍ୟା ୫ ଟା ବେଳେ ଶୌଚ ହେବା ପାଇଁ ଯାଇଥିବା ବେଳେ ହଟାତ ଘଡ଼ ଘଡି ସହ ବଜ୍ରପାତ

ହୋଇଥିଲା ସେହି ବଜ୍ରାଘାତରେ ସଞ୍ଜୀବ କିଶାନର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନି ଜଣ ସାଙ୍ଗ ଠିକ୍ ଥିବା ସୂଚନା ମିଳିଛି । ସଞ୍ଜୀବ କିଶାନକୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଣେଇ ଉପଖଣ୍ଡ ଚିକିତ୍ସାଳୟ ଶବ ବ୍ୟବଚ୍ଛେଦ ଘରେ ରଖା ଯାଇଥିବା ବେଳେ ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣା ପଡିଛି ।

ଏସ୍‌ଏସ୍‌ଏମ୍‌ସିଏଚର ସୁପରିଟେଣ୍ଡେଣ୍ଟ ହେଲେ ଡା. ଲିନା ଦାସ

ବାଲେଶ୍ୱର : ଫକୀରମୋହନ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ (FMMCH)ର ନୂତନ ସୁପରିଟେଣ୍ଡେଣ୍ଟ ଭାବେ ଡା. ଲିନା ଦାସଙ୍କୁ ନିଯୁକ୍ତ କରାଯାଇଛି । ଭୁବନେଶ୍ୱର କ୍ୟାପିଟାଲହ ସ୍ପିଟାଲରେ ଶିଶୁରୋଗ ବିଭାଗର ଡା. ଦାସ କାର୍ଯ୍ୟରତ ଥିଲେ । ସୂଚନା ଥାଉକି, FMMCH ବର୍ଷେରୁ ଅଧିକ ହେବ ଏହି ପଦବି ଫାଙ୍କା ପଡ଼ିଥିଲା । ମେଡିକାଲ୍ କଲେଜର ଡିନ୍ ଦାୟିତ୍ୱଭାର ନେଇଥିଲେ । ଡା. ଦାସ ଯୋଗ ଦେବା ପରେ FMMCH ରହିଥିବା ସମସ୍ୟାର ସୁଧାର ଆସିବା ନେଇ ଆଶାପ୍ରକାଶ କରାଯାଇଛି ।

ଦଶମଶ୍ରେଣୀ ପରୀକ୍ଷାରେ ୧୭ଜଣ ଟପ୍ପର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କୋଟପାଡ଼ : ଚଳିତବର୍ଷ ଦଶମଶ୍ରେଣୀ ପରୀକ୍ଷାରେ କୋଟପାଡ଼ ବ୍ଲକର ଉତୀର୍ଣ୍ଣ ୧୭ଜଣ ଛାତ୍ର,ଛାତ୍ରୀ ମାନଙ୍କୁ ଆଜି କୋଟପାଡ଼ ପଟେଲ ହାଉସ ଠାରେ କୋଟପାଡ଼ ଚାମ୍ବର ଅଫ କୋମର୍ସ ଓ ବି ଶଙ୍କର ରାଓଙ୍କ ଆନୁକୂଲ୍ୟରେ ମୁଖ୍ୟ ଅତିଥି ଜୟପୁର ବିଧାୟକ ଶ୍ରୀଯୁକ୍ତ ତରା ପ୍ରସାଦ ବାଇନପତି, ବିକ୍ରମଦେବ ୟୁନିଭେର୍ସିଟି ରେଜିଷ୍ଟ୍ରରେର ମହେଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବରେ କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୋଇଙ୍କ କର କମଳରେ ସନ୍ନମାନିତ କରାଯାଇଥିଲା, ଆଜିର ଏହି କାର୍ଯ୍ୟକ୍ରମରେ କୋଟପାଡ଼ ଅଞ୍ଚଳର ସମସ୍ତ ବୁଦ୍ଧିଯିବି, ଛାତ୍ର, ଛାତ୍ରୀ ମାନଙ୍କ ଅଭିଭାବକ, ସମସ୍ତ ମାନ୍ୟଗଣ ବ୍ୟକ୍ତି ଓ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ, ସମସ୍ତ ଛାତ୍ର, ଛାତ୍ରୀ ମାନଙ୍କୁ ଭବିଷ୍ୟତ ଉଜ୍ଜଳ ଓ ସଦା ସର୍ବଦା ବାପା, ମାଙ୍କ ନା ଆଗକୁ ନେଇ କୋଟପାଡ଼ ପାଇଁ ଗୌରବ

ଆଣନ୍ତୁ ବୋଲି ଭୁୟସୀ ପ୍ରଶଂସା କରାଯାଇଥିବାର ଦେଖିବାକୁ ମିଳିଥିଲା,ଏହି କାର୍ଯ୍ୟକ୍ରମ କୁ ଗଣେଶ ଚନ୍ଦ୍ର ପଣ୍ଡା, ସୁକାନ୍ତ ମିଶ୍ର ଓ ସଞ୍ଜୟ ପ୍ରହରାଜ ପରିଚାଳନା କରିଥିଲେ, ସୂଚନା ଥାଉକି ବି ଶଙ୍କର ରାଓ ଜଣେ ପ୍ରସିଦ୍ଧ ବ୍ୟବସାୟୀ ହେବା ସାଥେ ସାଥେ ଗୋଟିଏ ସମାଜ ସେବୀ ଭାବେ କୋଟପାଡ଼ ଅଞ୍ଚଳ ବେଶ ଜଣାଶୁଣା, ବିଗତ ଦିନରେ ସ୍ୱଇଚ୍ଛାରେ ଗୋଟିଏ ସ୍ୱର୍ଗରଥ ଭେଟିଦେଇ କୋଟପାଡ଼ ଅଞ୍ଚଳ ପାଇଁ ସହଯୋଗ କରିଥିବା ବେଳେ,ଚଳିତ ବର୍ଷ ଗୋଟିଏ ଅଭିନୟ ପ୍ରୟାସରେ ଏହିବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଟପର ହୋଇଥିବା କୋଟପାଡ଼ ବ୍ଲକର ୧୭ଜଣ ଛାତ୍ର,ଛାତ୍ରୀ ମାନଙ୍କୁ ସିଲଡ୍, ମାନପତ୍ର ଓ ଉପହାର ସହିତ ସନ୍ନମାନିତ ଉପସ୍ଥିତ ଅତିଥି ଜୟପୁର ବିଧାୟକ ଶ୍ରୀଯୁକ୍ତ ତାରା ପ୍ରସାଦ ବାଇନପତିଙ୍କ କରକମଳରେ ପ୍ରଦାନ କରାଯାଇଥିଲା, ବି ଶଙ୍କର ରାଓଙ୍କ ଏହିପରି ସାମାଜିକ ଚିନ୍ତାଧାରା ଓ ଉଚ୍ଚକୋଟିର ମନଭାବରେ ଚିନ୍ତାକରି ଉତୀର୍ଣ୍ଣ ହୋଇଥିବା ଛାତ୍ର,ଛାତ୍ରୀ ମାନଙ୍କୁ ସନ୍ନମାନିତ କରିଥିବାରୁ, ଉପସ୍ଥିତ ଅତିଥି, ଅଭିଭାବକ, ବୁଦ୍ଧିଜୀବୀ ସଦସ୍ୟ ବୃନ୍ଦ ଓ ସାମ୍ବାଦିକ ବନ୍ଧୁ ମାନେ ସମାଜସେବୀ ବି ଶଙ୍କର ରାଓ ଓ ସମାଜ ସେବୀ ଗଣେଶ ଚନ୍ଦ୍ର ପଣ୍ଡା ଙ୍କୁ ଭୁୟସୀ ପ୍ରଶଂସା କରିଥିବାର ଦେଖିବାକୁ ମିଳିଥିଲା ।

ଦାଦନ ଯନ୍ତ୍ରଣା; ହରାଇଥିବା ଦୁଇ ଶିଶୁ ୧୨ ବର୍ଷ ପରେ ଫେରିଲେ

କୋରାପୁଟ/ବନ୍ଧୁଗାଁ : ଦୀର୍ଘ ୧୨ ବର୍ଷର ବିଚ୍ଛେଦ ପରେ ନିଜ ସନ୍ତାନଙ୍କୁ ପୁଣିଥରେ ଆଲିଙ୍ଗନ କରିପାରିଛନ୍ତି କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଉପର ଜାଗୁଡ଼ା ଗ୍ରାମର ଏକ ଦମ୍ପତି। ଏହି ଭାବପ୍ରବଣ ଘଟଣା ରବିବାର କୋରାପୁଟ ଶିଶୁ କଲ୍ୟାଣ ସମିତି କାର୍ଯ୍ୟାଳୟରେ ଘଟିଥିଲା। ପରିବାର ସଦସ୍ୟଙ୍କ ସହ ଅଧିକାରୀ ଓ ଉପସ୍ଥିତ ଲୋକଙ୍କ ଆଖିରେ ମଧ ଖୁସିର ଲୁହ ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, ୨୦୧୫ ମସିହାରେ ଡାଲିଆ କୁଲୁସିକା ତାଙ୍କ ଦୁଇ ଛୋଟ ପିଲାଙ୍କୁ ନେଇ ତାମିଲନାଡୁର କୋୟମ୍ବାଟୁରରେ କାମ କରୁଥିବା ସ୍ୱାମୀ ତୁଳସା କୁଲୁସିକାଙ୍କୁ ଦେଖିବାକୁ ଯାଇଥିଲେ। ଯାତ୍ରାବେଳେ ଏକ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତିନି ଦିନ ପରେ ଜ୍ଞାନ ଫେରିବା ସମୟରେ ତାଙ୍କ ସହ ଥିବା ଦୁଇ ପିଲା ନିଖୋଜ ହୋଇଯାଇଥିବା ଜାଣିଥିଲେ। ସ୍ଥାନୀୟ ଭାଷା ନଜାଣିବାରୁ ଡାଲିଆ ଅନେକ ଦିନ ଧରି ଅସହାୟ ଭାବେ ଘୁରିବା ପରେ ଗାଁକୁ ଫେରିଥିଲେ। ପରେ ତାଙ୍କ ସ୍ୱାମୀ ମଧ ଗାଁକୁ ଫେରି ଦୁଇଜଣ ବନ୍ଧୁଗାଁ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଦୀର୍ଘ ବର୍ଷ ଧରି ପିଲାମାନଙ୍କ ସନ୍ଦେଶ ନମିଳିବାରୁ ପରିବାର ପ୍ରାୟ ଆଶା ଛାଡ଼ିଦେଇଥିଲେ। ପରେ ତାମିଲନାଡୁରେ ଚାଇଲ୍ଡଲାଇନ କର୍ମୀମାନେ ଦୁଇ ପିଲାଙ୍କୁ ଉଦ୍ଧାର କରି ଏକ ଶିଶୁ ଗୃହରେ ରଖିଥିଲେ। ସେଠାରେ ସେମାନେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଥିଲେ। ପରେ ଜଣେ ପିଲାଙ୍କ ବ୍ୟାଗରୁ ତାଙ୍କ ପିତାଙ୍କ ଆଧାର କାର୍ଡ ମିଳିବା ପରେ ପରିବାରର ସନ୍ଧାନ ମିଳିଥିଲା। କୋରାପୁଟ ଜିଲ୍ଲା ପ୍ରଶାସନ, ତାମିଲନାଡୁ ଶିଶୁ କଲ୍ୟାଣ ସମିତି ଓ ପୋଲିସର ସମନ୍ୱୟରେ ଶେଷରେ ଦୁଇ ପିଲାଙ୍କୁ ପରିବାରଙ୍କ ହାତରେ ହସ୍ତାନ୍ତର କରାଯାଇଥିଲା। ତେବେ ଦୀର୍ଘଦିନ ତାମିଲନାଡୁରେ ରହିବାରୁ ପିଲାମାନେ ଏବେ ଇଂରାଜୀ ଓ ତାମିଲ ଭାଷା କହୁଥିବାବେଳେ ନିଜ ମାତୃଭାଷା କୁଇ ଭୁଲିଯାଇଛନ୍ତି। ବର୍ତ୍ତମାନ ଦୁଇ ପିଲା ନବମ ଓ ଦଶମ ଶ୍ରେଣୀରେ ପଢୁଥିବାବେଳେ ଆଗାମୀଦିନରେ ଇଂରାଜୀ ମାଧ୍ୟମରେ ପଢ଼ା ଜାରି ରଖିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏହି ଭାବପ୍ରବଣ ପରିବାର ମିଳନ ଘଟଣା ଏବେ ସମଗ୍ର କୋରାପୁଟ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଅସହ୍ୟ ବୃଦ୍ଧି ପାଇଲା ତାପମାତ୍ରା, ପାଣି ପାଇଁ ଗାଁ ମୁହାଁ ବନ୍ୟଜନ୍ତୁ

ଘରେ ରହିବାକୁ ପ୍ରଶାସନର ପରାମର୍ଶ, ଥଣ୍ଡା ଦୋକାନରେ ଲାଗୁଚି ଭିଡ଼

ବୌଦ୍ଧ : ସମଗ୍ର ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ବୌଦ୍ଧ ଜିଲ୍ଲାରେ ଅସହ୍ୟ ତାତି ଜନଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରିଛି। ଜିଲ୍ଲାରେ ତାପମାତ୍ରା ୪୩ ଡିଗ୍ରୀ ପାଖାପାଖି ପହଞ୍ଚିଥିବାରୁ ଲୋକେ ଗ୍ରୀଷ୍ମ ପ୍ରକୋପରେ ଅତିଷ୍ଠ ହୋଇପଡ଼ିଛନ୍ତି। ସକାଳ ୯ଟା ପରଠାରୁ ରାସ୍ତାଘାଟ ପ୍ରାୟ ଶୂନଶାନ ହୋଇଯାଉଥିବା ବେଳେ ଅତ୍ୟାବଶ୍ୟକ କାମ ନଥିଲେ ଲୋକମାନେ ଘରୁ ବାହାରିବାକୁ ଏଡ଼ାଇ ଚାଲିଛନ୍ତି। ପ୍ରଚଣ୍ଡ ଖରା ଓ ଗରମ ପବନ ଯୋଗୁଁ ଶିଶୁ, ବୃଦ୍ଧ ଏବଂ ଶ୍ରମିକ ଶ୍ରେଣୀର ଲୋକମାନେ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ଦିନବେଳେ ବଜାର, ଛକ ଓ ସାଧାରଣ ଜନସମାଗମ ସ୍ଥାନଗୁଡ଼ିକରେ ଲୋକଙ୍କ ଭିଡ଼ କମିଥିବା ଦେଖିବାକୁ ମିଳୁଛି। ତୀବ୍ର ଗରମରୁ ରକ୍ଷା ପାଇବାକୁ ଲୋକେ ଥଣ୍ଡା ପାଣି, ସର୍ବତ ଓ ବିଭିନ୍ନ ଫଳରସ ଉପରେ ଅଧିକ ନିର୍ଭରଶୀଳ ହେଉଛନ୍ତି। ଅନ୍ୟପଟେ, ପ୍ରବଳ ତାତିର ପ୍ରଭାବ ବନ୍ୟଜନ୍ତୁଙ୍କ ଉପରେ ମଧ ପଡୁଛି। ଜଙ୍ଗଲ ଅଞ୍ଚଳରେ ଜଳାଭାବ ଦେଖାଦେବାରୁ ବନ୍ୟଜନ୍ତୁମାନେ ପାଣି ସନ୍ଧାନରେ ଗାଁ ମୁହାଁ ହେଉଥିବା ସୂଚନା ମିଳୁଛି। ଏଭଳି ପରିସ୍ଥିତିକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଥଣ୍ଡା ପାଣି ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ସହରର ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲାଯାଇଥିବା ବେଳେ, ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ କାମ ନଥିଲେ ଘରୁ ବାହାରକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। ଆଗାମୀ ଦିନରେ ତାପମାତ୍ରା ଆହୁରି ବୃଦ୍ଧି ପାଇଲେ ଏହାର ପ୍ରଭାବ ସାଧାରଣ ଜୀବନ ଉପରେ ଆହୁରି ଗମ୍ଭୀର ହେବା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଉଛି।

ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ଗ୍ରୀଷ୍ମକାଳୀନ ଶିବିର

ବସ୍ତା : ଆଜି ଠାରୁ ଆଗାମୀ ଛବିଶ ତାରିଖ ପର୍ଯ୍ୟନ୍ତ ବସ୍ତା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ସିଷ୍ଟର ନିବଦିତା ଇଂରାଜୀ ନର୍ସରୀ ସ୍କୁଲର ମିଳିତ ଆନୁକୂଲ୍ୟରେ ଗ୍ରୀଷ୍ମ କାଳୀନ ଶିବିର ଅନୁଷ୍ଠାନର ପରିସରରେ ଅନୁଷ୍ଠିତ ହେଉଅଛି ।ଏହି ଶିବିରକୁ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଜଉ କଣ୍ଢେଇ ଶିଳ୍ପୀ କେଶୁ ଦାସ ଯୋଗଦେଇ ଉଦଘାଟନ କରିଥିଲେ ।ଏଥିରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାସନ୍ତୀ ପୃଷ୍ଟି , ସମ୍ମାନୀତ ଅତିଥି ଭାବେ ଡ୍ରଇଂ ଶିକ୍ଷୟିତ୍ରୀ ନିଳିମା ଦାସ ଓ ବାଲୁକା ଶିଳ୍ପୀ ବେହେରା ଭାବେ ଯୋଗ ଦେଇ ବକ୍ତବ୍ୟ ରଖି ଥିଲେ ।ଶିକ୍ଷାନୁଷ୍ଠାନ ପରିଚାଳନା ସମିତିର ସଭାପତି ପ୍ରାକ୍ତନ ଏବିଡ଼ିଓ ଶଙ୍କର କର,ସମ୍ପାଦକ ରାମଚନ୍ଦ୍ର

ଦେବ,ଉପଦେଷ୍ଟା ଶ୍ୟାମା ପ୍ରସାଦ ବେହେରା,ଅଧକ୍ଷ ଶ୍ରୀପତି ଚରଣ ପାତ୍ର,ସଦସ୍ୟ କୁମୁଦ ରଞ୍ଜନ ଗିରି ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିବା ବେଳେ କୋଷାଧକ୍ଷ ପ୍ରଦୀପ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାର୍ଥୀଙ୍କୁ ନର୍ସରୀ ଠୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩ ଭାଗରେ ବିଭକ୍ତ କରାଯାଇ ବାଲୁକା ଶିଳ୍ପ,ଡ୍ରଇଂ,ସ୍କେଟିଂ,ଚେସ, ନାଚ,ଗୀତ, ସଂଗୀତ, ବ୍ୟାଡମିଟନ, ଯୋଗ ପ୍ରଭୃତି ବିଭିନ୍ନ ପ୍ରକାର ୨୦ ଟି ବିଷୟରେ ଶିକ୍ଷା ଦିଆଯିବ ବୋଲି କୁହାଯାଇଛି।

ପୁରୁଣା ରଡ଼ରେ କଲେଜ ଗୃହ ସ୍ଲାପ ଦୁର୍ନୀତି ପ୍ରସଙ୍ଗ

ତଦନ୍ତ ନେଇ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେଲେ ପୁରାତନ ଛାତ୍ର

- ସାତ ଦିନ ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ: ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ
- ଠିକାଦାର କଲେଜ ଅଧକ୍ଷ ସୁରେନ୍ଦ୍ର ପ୍ରଧାନୀ, ପୁରୁଣା ରଡ଼ ରେ ସ୍ଲାପ ଦେଇ ଟଙ୍କା ହଡପ୍ କରିଥିବା ଅଭିଯୋଗ
- ପୁରୁଣା କଲେଜ ଗୃହକୁ ପୁରୁଣା ରଡ଼ରେ ସ୍ଲାପ ଦେଇ ପନ୍ଦର ଲକ୍ଷ ଟଙ୍କାର ବିଲ

କଣ୍ଟାବାଞ୍ଜି : କଲେଜ ଗୃହ କାମରେ ଠିକାଦାର ସାଜିଥିଲେ ଭାଲୁମୁଣ୍ଡା କଲେଜ ଅଧକ୍ଷ ସୁରେନ୍ଦ୍ର ପ୍ରଧାନୀ। ନିଜେ ଠିକାଦାର ସାଜି କଲେଜ ଗୃହ କାର୍ଯ୍ୟରେ ପୁରୁଣା ରଡ଼ରେ ସ୍ଲାପ ଦେଇ ମନଇଚ୍ଛା ଦୁର୍ନୀତି କରି ପନ୍ଦର ଲକ୍ଷ ଟଙ୍କାର ବିଲ କରୁଛନ୍ତି । ତେବେ ପୁରୁଣା ରଡ଼ ଖୋଲିଦେଇଛି ଭାଲୁମୁଣ୍ଡା କଲେଜ ଅଧକ୍ଷ ସୁରେନ୍ଦ୍ର ପ୍ରଧାନୀ ଙ୍କ ଦୁର୍ନୀତି। ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ପ୍ରସନ୍ନ ପାଳ ଉଚ୍ଚ ମାଧମିକ ବିଦ୍ୟାଳୟର ପୁରାତନ ଛାତ୍ର ମାନେ ପୁରୁଣା ରଡ଼ରେ ସ୍ଲାପ କାମକୁ ନେଇ ଗତ କିଛି ଦିନ ତଳେ ଅଭିଯୋଗ କରିଥିଲେ। ତେବେ କଲେଜର ପାଣ୍ଠି ଟଙ୍କାକୁ କଲେଜ ଅଧକ୍ଷ ସୁରେନ୍ଦ୍ର ପ୍ରଧାନୀ ନିଜେ ମନମାନୀ କରି ହଡପ୍ କରି ଆସୁଥିବା ନେଇ ଅଭିଯୋଗ ହୋଇଥିଲା । ସୂଚନା ଅନୁଯାୟୀ ଅଭିଯୋଗ କାରୀ ମାନଙ୍କ ସୂଚନା ଅଧିକାରୀ ଆଇନ ବଳରେ ମାଗିଁଥିବା ରିପୋର୍ଟ ହିସାବରେ, କଲେଜ ଗୃହ କାର୍ଯ୍ୟ ଓ ପାଚେରୀ ନିର୍ମାଣରେ ବ୍ୟାପକ ଦୁର୍ନୀତି କରିଛନ୍ତି। ଭାଲୁମୁଣ୍ଡା କଲେଜ ଅଧକ୍ଷ ସୁରେନ୍ଦ୍ର ପ୍ରଧାନୀ। ନିଜେ କଲେଜ ଗୃହ କାମରେ ଠିକାଦାର ହୋଇ ଲକ୍ଷ ଲକ୍ଷ ଟଙ୍କାକୁ ଚଳୁ କରି ନେଇଛନ୍ତି,ତେବେ ଏ ଦୁର୍ନୀତି କାମରେ ସହଯୋଗୀ ଭାବରେ ସହଯୋଗ କରିଛନ୍ତି,ହେଡ଼ କ୍ଲର୍କ ଦିନ ଦୟାଲ ମେହେର। ଦୁହେଁ ମିଶି କଲେଜ ପାଣ୍ଠି ଟଙ୍କାକୁ ପୁରୁଣା ରଡ଼ରେ ସ୍ଲାପ ପକାଇ ଅଧିକା ବିଲ କରି ଲକ୍ଷ ଲକ୍ଷ ଟଙ୍କାକୁ ଖାଇ ଦେଇଥିବାର ଅଭିଯୋଗ କରିଛନ୍ତି ପୁରାତନ ଛାତ୍ର ମାନେ। ତେବେ କଲେଜ ପାଣ୍ଠି ଟଙ୍କାର ଦୁର୍ନୀତି ଉପରେ ତଦନ୍ତ ନେଇ ସୋମବାର ଦିନ ଟିଟିଲାଗଡ଼ ଉପ ଜିଲ୍ଲାପାଳ କାର୍ଯ୍ୟାଳୟକୁ ପୁରାତନ ଛାତ୍ର ଦ୍ୱାରସ୍ତ ହୋଇ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଘଟଣାକୁ ଆଧାର କରି ଟିଟିଲାଗଡ଼ ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ସାତ ଦିନ ଭିତରେ ତଦନ୍ତ କରି ଯିଏ ଦୁର୍ନୀତି କରିଛି ତା ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ରଖିଛନ୍ତି। ତେବେ ଏହି ଅଭିଯୋଗ ପତ୍ର ପ୍ରଦାନ ବେଳେ ଭାଲୁମୁଣ୍ଡା ଗାଁର ହେମ ସାଗର ମେହେର,ରୁଷି ରଣା, ଓଁମକାର ରଣା, ଟିକେଲାଲ ଭୋଇ,ଓଁମ୍ ଭୋଇ,ଦୁର୍ଣ୍ଣ ଭୋଇ,ରହିଆ ମେହେର ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ।

ସଘନ ସଂଶୋଧନ କାର୍ଯ୍ୟ ପାଇଁ ରାଜନୈତିକ ଦଳଙ୍କୁ ଆହ୍ୱାନ

କୋରାପୁଟ : କୋରାପୁଟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକୁ ଆସନ୍ତା ସେପ୍ଟେମ୍ବର ୬ ତାରିଖ ସୁଦ୍ଧା ସମାପ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ରାଜନୈତିକ ଦଳକୁ ବୁଥ୍ ସ୍ତରୀୟ ପ୍ରତିନିଧି ନିଯୁକ୍ତ କରି ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟ ପାଇଁ ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଆସନ୍ତା ୨୦ ମେରୁ ଆରମ୍ଭ ହେବ। ପରେ ସେମାନେ ୩୦ ମେରୁ ୨୮ ଜୁନ୍ ପର୍ଯ୍ୟନ୍ତ ଘରେ ଘରେ ବୁଲି ଭୋଟର ତାଲିକା ସମ୍ପର୍କିତ ତଥ୍ୟ ସଂଗ୍ରହ କରିବେ। ଯାଞ୍ଚ ସମୟରେ କୌଣସି ଭୋଟର ଘରେ ଉପସ୍ଥିତ ନଥିଲେ, ସେହି ଘରକୁ ଅତି କମରେ ତିନିଥର ପର୍ଯ୍ୟନ୍ତ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲ୍ଲାର ସମସ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଉପଜିଲ୍ଲାପାଳ (ନିର୍ବାଚନ) ଏବଂ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇଥିଲେ।

ପ୍ରାଚୀନ ଶୈବପୀଠ ପରମହଂସନାଥ ଦେବଙ୍କ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ

ଫୁଲନଖରା : କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଶ୍ରୀଶ୍ରୀ ପରମହଂସନାଥ ଦେବଙ୍କ ମୁଖ୍ୟ ମନ୍ଦିର ଏବଂ ଦଧିନଉତିର ମରାମତି କାର୍ଯ୍ୟ ଶେଷରେ ଆରମ୍ଭ ହୋଇଛି। ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପର୍ଯ୍ୟବେକ୍ଷଣରେ ଏହି ପ୍ରାଚୀନ ଐତିହ୍ୟବାହୀ ମନ୍ଦିରର ସଂରକ୍ଷଣ ଓ ପୁନରୁଦ୍ଧାର କାମ କରାଯାଉଛି। ମରାମତି କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ ପାଇଁ ମନ୍ଦିର ଚାରିପାଖରେ ଉଚ୍ଚ ବାଉଁଶର ଶିଢ଼ି ଓ ସୁରକ୍ଷା ବ୍ୟବସ୍ଥା ବନ୍ଧାଯାଇଛି। ବିଭାଗୀୟ ସୂଚନାନୁସାରେ, ବର୍ଷା ଋତୁ ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ ଏହି କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ଧରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲ ୧ ତାରିଖ ରାତିରେ କାଳବୈଶାଖୀ ବାତ୍ୟା ସହ ପ୍ରବଳ ବଜ୍ରପାତ ଘଟିଥିଲା। ଏହାର ପ୍ରଭାବରେ ପରମହଂସନାଥ ମନ୍ଦିର ଓ ଦଧିନଉତିର କିଛି ଅଂଶରେ ଗଭୀର କ୍ଷତି ସୃଷ୍ଟି ହୋଇଥିଲା। ବଜ୍ରପାତର ତୀବ୍ରତାରେ ମନ୍ଦିରର କେତେକ ପଥର ଖଣ୍ଡ ବି ଖସିପଡ଼ିଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଥିଲେ। ତଦନ୍ତ ସମୟରେ ମନ୍ଦିରରେ ଯଥାଯଥ ଅର୍ଥିଂ ବ୍ୟବସ୍ଥା ନଥିବା ଚିହ୍ନଟ ହୋଇଥିଲା। ଫଳରେ ବଜ୍ରପାତ ସମୟରେ ବିଦ୍ୟୁତ୍ ପ୍ରବାହ ସିଧାସଳଖ ଭାବେ ମନ୍ଦିର ଗଠନକୁ ପ୍ରଭାବିତ କରି କ୍ଷତି ସୃଷ୍ଟି କରୁଥିବା ସନ୍ଦେହ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ମନ୍ଦିରରେ ଆଧୁନିକ ଅର୍ଥିଂ ବ୍ୟବସ୍ଥା ସ୍ଥାପନ କରାଯିବ। ଏହା ପରେ କ୍ଷତିଗ୍ରସ୍ତ ପଥର ଅଂଶଗୁଡ଼ିକର ସଂରକ୍ଷଣ ଓ ମରାମତି କାମ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସ୍ଥାନୀୟ ଭକ୍ତ ଓ ଅଞ୍ଚଳବାସୀମାନେ ଏହି ପ୍ରାଚୀନ ଶୈବପୀଠର ମରାମତି କାର୍ଯ୍ୟ ଆରମ୍ଭ ହେବାକୁ ସ୍ୱାଗତ କରିଛନ୍ତି। ସେମାନଙ୍କ ଆଶା, ମନ୍ଦିରର ଐତିହ୍ୟ ଓ ଆଧ୍ୟାତ୍ମିକ ଗୌରବ ଅକ୍ଷୁଣ୍ଣ ରଖି ସୁଦୃଢ଼ ଭାବେ ପୁନରୁଦ୍ଧାର କାର୍ଯ୍ୟ ସମାପ୍ତ ହେବ।

ବାରଙ୍ଗ ବ୍ଲକର ଦ୍ୱିତୀୟ ପର୍ଯ୍ୟାୟ ଜନ ଶୁଣାଣିରେ ପ୍ରଶାସନର ତତ୍ପରତା

ଫୁଲନଖରା : ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଲୋକମାନଙ୍କ ସମସ୍ୟାକୁ ସ୍ଥାନୀୟ ସ୍ତରରେ ଶୁଣି ତ୍ୱରିତ ସମାଧାନ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ସାଧାରଣ ଲୋକଙ୍କର ସକ୍ରିୟ ସହଭାଗିତା ଦେଖିବାକୁ ମିଳିଥିଲା। ବାରଙ୍ଗ ବ୍ଲକର ସମସ୍ତ ୧୬ଟି ଗ୍ରାମ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟର ଜନ ଶୁଣାଣି ସଫଳତାର ସହ ସମାପ୍ତ ହେବା ପରେ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ସେହି ପର୍ଯ୍ୟାୟରେ ବେଲଗଛିଆ ପଞ୍ଚାୟତରେ ଆୟୋଜିତ ଏହି ଶିବିରରେ ସର୍ବମୋଟ ୧୬ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ଗ୍ରହଣ କରାଯାଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରୁ ୬ଟିର ତତ୍କାଳ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ଯଥାଶୀଘ୍ର ନିଷ୍ପତ୍ତି ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପ୍ରେରଣ କରାଯାଇଥିଲା। ଏହା ଫଳରେ ଅଞ୍ଚଳବାସୀମାନେ ସରକାରୀ ପ୍ରଶାସନର ତ୍ୱରିତ ପ୍ରତିକ୍ରିୟା ଓ ସମସ୍ୟା ସମାଧାନ ପ୍ରତି ଆସ୍ଥା ପ୍ରକାଶ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସ୍ୱାଗତ ଦାସ ଶିବିରରେ ଉପସ୍ଥିତ ରହି ସ୍ୱୟଂ ସମସ୍ତ ଅଭିଯୋଗର ଶୁଣାଣି କରିଥିଲେ। ସେ ଉପସ୍ଥିତ ଲୋକଙ୍କୁ ନିଶ୍ଚିତ କରାଇଥିଲେ ଯେ, ପ୍ରତ୍ୟେକ ଅଭିଯୋଗକୁ ଗୁରୁତ୍ୱ ସହ କ୍ଷୁଦ୍ରତମ ସମୟରେ ସମାଧାନ କରାଯିବ। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ। ସେମାନଙ୍କ ମଧ୍ୟରେ ସିଡିପିଓ ସଂଯୁକ୍ତା ମହାରଣା, ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତାରାଣୀ ସାହୁ, ଯୋଗାଣ ଅଧିକାରୀ ଜୟଶ୍ରୀ ହରିଚନ୍ଦନ, ସାମାଜିକ ସମ୍ପ୍ରସାରଣ ଅଧିକାରୀ ହରପ୍ରିୟା ସାମଲ, ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜା ସାଗରିକା ସ୍ୱାଇଁ, ପରିମଳ ସଂଯୋଜକ ମହେନ୍ଦ୍ର ବେହେରା, ବିପିଏ ନିର୍ମଳ ମହାନ୍ତି, ପିଇଓ ଭବାନୀ ଶଙ୍କର ସାହୁ, ରାଜଲକ୍ଷ୍ମୀ ଭୂୟାଁ, ପ୍ରୀତମ ପୃଷ୍ଟି, ଏଡିଇ ମୋନାଲିସା ଦାଶ, ମିତୁ ସ୍ମିତା ବେଉରା, ମିଶନ ଶକ୍ତି ବିପିଏମ୍ ସ୍ମୃତିରେଖା ମହାନ୍ତି , ବିପିଏମ୍ ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ ଏବଂ ନରେଗା ଏସିପି ପବିତ୍ର ମୂଳିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବେଲଗଛିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ମାନିନୀ ସାହ, ସମିତି ସଭ୍ୟ ନାରାୟଣ ସେନାପତି ଏବଂ ବହୁ ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀ ଏହି ଶିବିରରେ ଯୋଗଦେଇଥିଲେ। ଜନ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଲୋକମାନେ ନିଜ ସମସ୍ୟାକୁ ସିଧାସଳଖ ଭାବେ ପ୍ରଶାସନ ସମ୍ମୁଖରେ ଉଠାଇପାରୁଥିବାରୁ ଏପରି ପଦକ୍ଷେପକୁ ସାଧାରଣ ଲୋକ ସ୍ୱାଗତ କରିଛନ୍ତି। ଏହି ଶିବିର ଦ୍ୱାରା ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଆହୁରି ସୁଦୃଢ଼ ହୋଇଥିବା ମତ ପ୍ରକାଶ ପାଉଛି।

ବସ କଣ୍ଡକ୍ଟରରୁ କୋଟିପତି, ଅପରେସନ ବୈତରଣୀ ଖୋଲିଲା ଗୁମର

ହାଟଡିହି : ନନ୍ଦିପଦା ଥାନା ଶାଳନିଆଁ ପଞ୍ଚାୟତ ଏଲକଣିଆଁ ଗ୍ରାମର ବାଲି ମାଫିଆ ଯୋଗେନ୍ଦ୍ର ବେହେରାଙ୍କ ଘରେ ଗତକାଲି ବିଳମ୍ବିତ ରାତିରେ ଚଢ଼ାଉ ହୋଇଥିଲା। ପୁଲିସକୁ ଦେଖି ଶ୍ରୀ ବେହେରା ଓ ତାଙ୍କ ପରିବାର ଲୋକେ ଘରର କବାଟ ଖୋଲି ନଥିଲେ। ଦୀର୍ଘ ସମୟ ଅପେକ୍ଷା କରିବା ପରେ ପୁଲିସ ମାଫିଆ ଯୋଗେନ୍ଦ୍ରଙ୍କୁ ଧରିବାରେ ସଫଳ ହୋଇଥିଲା। ଶ୍ରୀ ବେହେରା କିଛି ବର୍ଷ ପୂର୍ବେ ରାହଗିରି ବସରେ କଣ୍ଡକ୍ଟର ଥିଲେ। ପରେ ବିଜେଡିରେ ସାମିଲ ହୋଇ ଛୋଟ ଠିକାଦାରୀ କାମ କରୁଥିଲେ। ମାଫିଆ ଶ୍ରୀ ବେହେରା ଆନନ୍ଦପୁର ଥାନା ଅଧିନ ବୁଡ଼ୀକୁଦ ଏବଂ କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ତହସିଲ ଅଧିନ ବସପୁର ବାଲି ଘାଟକୁ ନିଲାମ ନେଇଥିଲେ। ଘାଟ ଚାଲିବା ପାଇଁ ଆବଶ୍ୟକ କାଗଜ ନଥିବା ବେଳେ ଶ୍ରୀ ବେହେରା ଏଠାରୁ ଦୀର୍ଘଦିନ ଧରି ବାଲି ଲୁଟ୍ କରି ଆସୁଥିଲେ। ସେହିପରି ତାଙ୍କ ଘର ବୈତରଣୀ ନଦୀ କୂଳରେ ହୋଇଥିବାରୁ ସେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ବେଆଇନ ଘାଟରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଅଞ୍ଚଳର ଅସାମାଜିକ ଯୁବକଙ୍କୁ ହାତରେ ରଖି ନିଜକୁ ବିଜେପି ନେତା ବୋଲି ଦର୍ଶାଇ ବିଭିନ୍ନ ଘଟରୁ ବାଲି ପାରିବହନ କରୁଥିବା ଗାଡ଼ିରୁ ଚନ୍ଦା ଆଦାୟ କରୁଥିଲେ । ଏହି ସମସ୍ତ ଘାଟରେ ତାଙ୍କ ନିଜର ଗାଡ଼ି ଓ ମେସିନ୍ ବ୍ୟବହାର ହେଉଥିବା ପୁଲିସ ଜାଣିବାକୁ ପାଇ ଚଢ଼ାଉ କରିଛି ।ଯୋଗେନ୍ଦ୍ର ଓ ତାଙ୍କ ପରିବାର ଲୋକଙ୍କ ମାଲିକାନାରେ ଥିବା ୪ରୁ ଅଧିକ ଦାମୀ ଗାଡ଼ିକୁ ପୁଲିସ ଜବତ କରିଛି। ନଗଦ ଟଙ୍କା, ଜମି କାଗଜପତ୍ର ଓ ସୁନା ମଧ ଜବତ ହୋଇଛି। ସେହିପରି ଚଢ଼ାଉ ସମୟରେ ସେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ନାମରେ ଏକାଧିକ ପ୍ଲଟ (ଏସସି ଓ ଏସଟି ଜମି) ହାତେଇ ଥିବା ଜଣାପଡ଼ିଛି। ଯୋଗେନ୍ଦ୍ର ଓ ତାଙ୍କ ଦୁଇ ପୁଅ ସକ୍ରିୟ ଭାବେ ଏହି ବାଲି ଲୁଟରେ ସାମିଲ ଥିବା ପୁଲିସ ଜାଣିବାକୁ ପାଇଛି। ତାଙ୍କ ବଡ଼ ପୁଅ ଆଶିଷ ବେହେରା କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କପୁଣ୍ଡି ପୋଷ୍ଟ ଅଫିସ ରେ ଗ୍ରାମୀଣ ଡାକସେବକ ଭାବେ କାର୍ଯ୍ୟ କରିଥିଲେ ମଧ ସେ ଆଦୌ କାର୍ଯ୍ୟରେ ଯୋଗନଦେଇ ଗାଁ ରେ ରହି ସକ୍ରିୟ ଭାବେ ବାପାଙ୍କ ସହ ମିଶି ଅବୈଧ ବାଲି ଚାଲାଣ କରୁଛନ୍ତି । କିଛି ଦିନ ପୂର୍ବରୁ ସେହି ଗ୍ରାମର ଏକ ନାବାଳକକୁ ନିଜ ଗାଡ଼ିରେ ହେଲପର ଭାବେ ନିୟୋଜିତ କରିଥିଲେ । ନାବାଳକ ଜଣଙ୍କ ଯୋଗେନ୍ଦ୍ରଙ୍କ ବାଲି ହାଇୱା ରେ ପାଲ ଢାଙ୍କୁଥିବା ସମୟରେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଗୁରୁତର ଆହତ ହୋଇଥିଲେ ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati Executive Editor : Satyajit Mohapatra Managing Editor : Jitendra Ku. Pati